ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ–୩୧ ● ସଂଖ୍ୟା–୩୨ ● ୨୭ ଫେବୃୟାରୀ ୨୦୨୪, ମଙ୍ଗଳବାର ● ଭୁବନେଶ୍ୱର ● Vol -31 ● Issue-32 ● 27th February 2024, Tuesday ● Bhubaneswar

Licensed to post without pre-payment of postage No- BN-60/22-24

## ଘରୋଇ ମାଟିରେ ଭାରତର ଲଗାତାର ୧୭ତମ ଟେଷ୍ଟ ସିରିଜ୍ ବିଜୟ



DSPL-728

ମିଶନ ଶକ୍ତି | MISSION Shakti BAZAAR

ଆମ ଓଡ଼ିଶା ନବୀନ ଓଡ଼ିଶା











ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ

ଶ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା...

ଶୁଭାରମ୍ଭ

- 0% ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମିଶନ ଶକ୍ତି ଋଣ
- ୧୪୫ କୋଟି ଟଙ୍କାର ସୁଧ ଫେରସ୍ତ
- ୭୩୦ କୋଟି ଟଙ୍କାର ୟୁନିଫର୍ମ ଓ ବ୍ଲେଜର ସହାୟତା



ଶୁଭ ଉଦ୍‌ଘାଟନ

ମିଶନ ଶକ୍ତି ବଜାର

ଭୁବନେଶ୍ୱର | ୨୭ ଫେବୃଆରୀ ୨୦୨୪

ସଶକ୍ତ ମହିଳା | ସଶକ୍ତ ଓଡ଼ିଶା

OIPR : 48001/13/0011/2324




ମିଶନ ଶକ୍ତି ବିଭାଗ, ଓଡ଼ିଶା ସରକାର





# ଆସିକାକୁ ମ୍ୟୁନିସିପାଲିଟି ଘୋଷଣା ପରେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ବିଜେଡି ନେତ୍ରୀ

**ଆସିକା, ନ୍ୟୁଜ୍ ବ୍ୟୁରୋ**

ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ମ୍ୟୁନିସିପାଲିଟିକୁ ମ୍ୟୁନିସିପାଲିଟି ଘୋଷଣା ପରେ ଆସିକା ସହରରେ ଖୁସିର ଲହରୀ ଖେଳିଯାଇଛି। ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ପରିସରରେ ଏକ ଖୁସିର ମାହୋଲ ଖେଳି ଯାଇଥିବା ବେଳେ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଫୁଲ ତୋଡ଼ା ଦେଇ କୃତଜ୍ଞତା ଜଣାଇଲେ ଅଧ୍ୟକ୍ଷ ସମେତ ସମସ୍ତ କାଉନସିଲର । ବାଜା, ବାଜଣା ସହ ବାଣ ଫୁଟାଇ ଆସିକା ସହର ନଗର ପରିକ୍ରମା କରାଯାଇଥିବା ବେଳେ ବିଜୁ ପଟ୍ଟନାୟକ ଛକ ସ୍ଥିତ ବିଜୁ ପ୍ରତିମୂର୍ତ୍ତି ଉପରେ ପୁଷ୍ପ ମାଲ୍ୟ ପକାଇବା ବେଳେ ଉପସ୍ଥିତ ଥିଲେ ବିଧାୟିକା ମଞ୍ଜୁଳା ସ୍ୱାଇଁ, ବିଜେଡି ପୂର୍ବତନ ସାଧାରଣ ସମ୍ପାଦିକା ସୁରଭି ବିଷୋୟୀ, ସାଂସଦ ପ୍ରତିନିଧି ସତ୍ୟନାରାୟଣ ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟ ଅନିମା ପରିଡା, ଉପାଧକ୍ଷା ଜୟନ୍ତୀ ବିଷୋୟୀଙ୍କ ସମେତ ସମସ୍ତ କାଉନସିଲର ଉପସ୍ଥିତ ଥିଲେ । ପରେ ମା' ଖମ୍ବେଶ୍ୱରୀଙ୍କ ପରିସରରେ ଆସିକା ସହରବାସୀ ଓ ନିର୍ବାଚିତ ପତିନିଧିମାନେ ଉପସ୍ଥିତ ରହି ଦୀପ ଦାନ କରିଥିଲେ । ବିଜ୍ଞାପିତ ଅଞ୍ଚଳ ପରିଷଦ ରାଜ୍ୟ ସରକାରଙ୍କ ଯୋଜନା ବିକାଶ ହୋଇଥିବା ବେଳେ ମ୍ୟୁନିସିପାଲିଟି ଘୋଷଣା ପରେ ଅଧିକରୁ ଅଧିକ ବିକାଶ ହେବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ ଶ୍ରୀ ପାଣ୍ଡିୟାନଙ୍କୁ କୃତଜ୍ଞତା ଜଣାଇଛନ୍ତି ସୁରଭି ।

# ଦେଶୀ ମଦ ଜବତ:ବେପାରୀ ଗିରଫ

**ବାରଙ୍ଗ, ନ୍ୟୁଜ୍ ବ୍ୟୁରୋ**

ନନ୍ଦନକାନନ ଥାନା ଅଞ୍ଚଳରେ ବେଆଇନ୍ ଚୋରା ମଦ ବିକ୍ରୟ କରୁଥିବା ବେଳେ ପୋଲିସର ଚଢ଼ଉ। ୧୨ ଲିଟର ଦେଶୀମଦ ଜବତ ସହ ଜଣେ ଗିରଫ। ସୂଚନାଯୋଗ୍ୟ ଯେ, ବିଶ୍ୱସ୍ତ ସୂତ୍ରରୁ ହସ୍ତଗତ ହୋଇଥିବା ସୂଚନା ଆଧାରରେ ନନ୍ଦନକାନନ ଥାନାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ସମ୍ପୃକ୍ତ ଥାନାର ପାଟ୍ରୋଲିଂ ଟିମ୍ କେନ୍ଦୁପାଟଣା କଲେଜ ନିକଟସ୍ଥ ଅଞ୍ଚଳରେ ଅତର୍କିତ ଚଢଉ କରିବା ସହ ବେଆଇନ୍ ଦେଶୀ ମଦ ବିକ୍ରୟ କରୁଥିବା ଅଭିଯୋଗରେ ଉକ୍ତ ଥାନା କେନ୍ଦୁପାଟଣା ଗ୍ରାମର ଶମ୍ଭୁନାଥ ଦାସ (୪୭)ଙ୍କୁ ଗିରଫ କରିଛି। ପୋଲିସ ଚଢ଼ଉ ସମୟରେ ଅଭିଯୁକ୍ତ ଠାରୁ ସମୁଦାୟ ୧୨ ଲିଟର ଦେଶୀମଦ ଜବତ କରାଯାଇଛି। ପଚରାଉଚରା ବେଳେ ଅଭିଯୁକ୍ତ, ଏହି ଦେଶୀମଦ ବିକ୍ରୟ ନେଇ ପାଖରେ କୌଣସି ଅନୁମତି ପତ୍ର ନଥିବା ସ୍ୱୀକାର କରିଥିଲେ। ପରେ ଥାନାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ନନ୍ଦନକାନନ ଥାନା ପୋଲିସ ।

# ପତ୍ନୀ ହତ୍ୟା ମାମଲାରେ ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ

**ଆସିକା, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମରେ ଗତ ୨୫ ଅକ୍ଟୋବର ୨୦୨୨ ତାରିଖରେ ମହିଳା ମଞ୍ଜୁଳା ପ୍ରଧାନଙ୍କୁ ତାଙ୍କ ସ୍ୱାମୀ ବିଜୟ ପ୍ରଧାନ ନୃଶଂସ ଭାବେ ହାଣି ହତ୍ୟା ମାମଲାରେ ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ଏହି ମାମଲାର ବିଚାର କରି ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ପ୍ରବୀର କୁମାର ଚୌଧୁରୀ ହତ୍ୟାକାରୀ ସ୍ୱାମୀ ବିଜୟ ପ୍ରଧାନକୁ ଦୋଷୀ ସାବ୍ୟସ୍ତ କରିବା ସହିତ ଆଜୀବନ ସଶ୍ରମ କାରାଦଣ୍ଡ ଆଦେଶ ଶୁଣାଇଛନ୍ତି। ଏଥିସହ ପାଞ୍ଚ ହଜାର ଟଙ୍କା ଜରିମାନା ଓ ଜରିମାନା ଅନାଦେୟରେ ଅଧିକ ତିନି ମାସ ସଶ୍ରମ କାରାଦଣ୍ଡର ଆଦେଶ ମଧ୍ୟ ସେ ଦେଇଛନ୍ତି। ପାରିବାରିକ ଅସନ୍ତୋଷକୁ ନେଇ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ବରାବର କଳହ ଓ ଅସନ୍ତୋଷ ଲାଗି ରହିଥିଲା। ଘଟଣା ଦିନ ସନ୍ଧ୍ୟାରେ ଉଭୟଙ୍କ ମଧ୍ୟରେ ମାଡ଼ ଗୋଳ ଚରମସୀମାରେ ପହଞ୍ଚିଥିଲା। ଉତ୍କ୍ଷିପ୍ତ ସ୍ୱାମୀ ଘରେଥିବା ଏକ କାତିରେ ନିଜ ସ୍ତ୍ରୀକୁ ଗୋଡ଼ାଇ ଗୋଡ଼ାଇ ହାଣି ଅତି ନିର୍ମମ ଭାବେ ହତ୍ୟା କରିଥିଲା । ଏ ସମ୍ପର୍କରେ ଆସିକା ଥାନାରେ ମଞ୍ଜୁଳାଙ୍କ ଭାଇ ସନ୍ତୋଷ ଅଭିଯୋଗ କରିଥିଲେ। ଥାନା କେସ୍ ନଂ ୬୧୩/ ୨୦୨୨ରେ ପୋଲିସ ମାମଲା ରୁଜୁ କରି ତତ୍କାଳୀନ ଥାନାର ଭାରପ୍ରାପ୍ତ ଅଧିକାରୀ ପ୍ରଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଘଟଣାର ତଦନ୍ତ ହୋଇଥିଲା । ଥାନା ଅଧିକାରୀ ଶ୍ରୀ ସାହୁ ଅଭିଯୁକ୍ତ ବିଜୟକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ସ୍ଥାନୀୟ ଅତିରିକ୍ତ ଜିଲ୍ଲା ଜଜ୍ କୋର୍ଟରେ ଏହି ମାମଲାର ବିଚାରଣା ଚାଲିଥିବା ବେଳେ ଅତିରିକ୍ତ ଜିଲ୍ଲା ଜଜ୍ ଶ୍ରୀ ଚୌଧୁରୀ ୧୬ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଏହି ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଏହି ମାମଲା ଏ ପି ପି - ଜି. ସୂର୍ଯ୍ୟ ପ୍ରକାଶ ରାଓ ପରିଚାଳନା କରିଥିଲେ।

# ଦେଶ ସେବା ପାଇଁ ସାରଙ୍ଗଧର ଦାସ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ:ଧର୍ମେନ୍ଦ୍ର

**ଢେଙ୍କାନାଳ, ନ୍ୟୁଜ୍ ବ୍ୟୁରୋ**

ତ୍ୟାଗ ଓ ସେବାର ପରିଭାଷାକୁ ବୁଝିବାକୁ ହେଲେ ଢେଙ୍କାନାଳ ପ୍ରଜାମଣ୍ଡଳ ଆନ୍ଦୋଳନର ପୁରୋଧା ଗଡଜାତ ଗାନ୍ଧୀ ପୁଣ୍ୟାତ୍ମା ସାରଙ୍ଗଧର ଦାସଙ୍କୁ ବୁଝିବାକୁ ହେବ । ତାଙ୍କର ଜନ୍ମଭୂମି ହରେକୃଷ୍ଣପୁରକୁ ଯିବା ପାଇଁ ପଡିବ ବୋଲି ଶୁକ୍ରବାର ଢେଙ୍କାନାଳର ଜିଲ୍ଲା ଅଡିଟୋରିୟମରେ ଏହି ସଂଗ୍ରାମୀଙ୍କ ସ୍ମୃତିରେ ଡାକ ଟିକେଟ ଉନ୍ମୋଚନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ପ୍ରଜା ଆନ୍ଦୋଳନର ପୁରୋଧା ତଥା ମହାନ ବିପ୍ଳବୀ ସାରଙ୍ଗଧର ଦାସଙ୍କ ସ୍ମୃତିରେ ଡାକ ଟିକେଟ ଉନ୍ମୋଚନ ସହ ଢେଙ୍କାନାଳ ଓ ଅନୁଗୋଳ ଜିଲ୍ଲାରେ ୨୩ଟି ଡାକଘର ଉଦ୍‌ଘାଟନ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ସେ କହିଛନ୍ତି ଯେ ଢେଙ୍କାନାଳ ଜିଲ୍ଲା ଏକ ସ୍ୱାଭିମାନୀ ଓ ସାଂସ୍କୃତିକ ସମ୍ପନ୍ନ ଅଞ୍ଚଳ । ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସ, ଶହୀଦ ବାଜି ରାଉତ, ବୀର ବୈଷ୍ଣବ ଚରଣ ପଟ୍ଟନାୟକ, ମହେଶ ଚନ୍ଦ୍ର ସୁବାହୁ ସିଂ, ପବିତ୍ର ମୋହନ ପ୍ରଧାନ ଓ ରାଜା ସୋମନାଥ ସିଂହ ଜଗଦେବ ଆମ ଅଞ୍ଚଳର ଗୌରବ । ଆମେ ଆମର ପୂର୍ବ ପୁରୁଷଙ୍କୁ ଯଥୋଚିତ ସମ୍ମାନ ଦେବା ଉଚିତ୍ । ଏହି ମହାପୁରୁଷଙ୍କ ଉପରେ ଆଲୋଚନା କଲେ ହିଁ ସେମାନଙ୍କ ପରିଚୟ ପୂର୍ଣ୍ଣାଙ୍ଗ ହେବ । ଦେଶ ମାତୃକା ସେବା ପାଇଁ ସାରଙ୍ଗଧର ଦାସ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ । ସେ ତାଙ୍କ ସର୍ବସ୍ୱ ସମ୍ପତ୍ତି ସମାଜ ପାଇଁ ଜିଲ୍ଲା ପ୍ରଶାସନକୁ ଦାନ କରିଦେଇଥିଲେ । ଏହା ହେଉଛି ଢେଙ୍କାନାଳର ସଂସ୍କାର ଓ ଗଡଜାତ ଅଞ୍ଚଳର ଲୋକଚରିତ୍ର । ଆଜି ସେହି ତ୍ୟାଗ ଓ ସେବାର ମୂର୍ତ୍ତିବନ୍ତ ପ୍ରତୀକ ସାରଙ୍ଗଧର ଦାସଙ୍କ ଉପରେ ଉନ୍ମୋଚିତ ଡାକ ଟିକେଟ ତାଙ୍କର ବିଚାର ଓ



ମୂଲ୍ୟବୋଧକୁ ନୂଆପିଢି ପାଖରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଶ୍ରୀ ପ୍ରଧାନ କହିଛନ୍ତି ଯେ ଡାକ ବିଭାଗ ଭାରତୀୟ ଜନଜୀବନର ଓ ଆମ ସାହିତ୍ୟରେ ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇଛି । ଅନେକ ସାହିତ୍ୟ, କବିତା, ଆଶା ଓ ଆକାଂକ୍ଷା ଡାକ ବିଭାଗ ସହ ଯୋଡି ହୋଇଛି । ଓଡ଼ିଶାରେ ୨୦୧୪ ପର୍ଯ୍ୟନ୍ତ ୮, ୪୯୦ଟି ଡାକ ଘର ଥିଲା। ବିଗତ ୧୦ ବର୍ଷ ମଧ୍ୟରେ ମୋଦି ସରକାରରେ ନୂଆ ୫୦୦ରୁ ଅଧିକ ଡାକ ଘର ତିଆରି ହୋଇଛି । ଗତ ୨୦ ତାରିଖରେ ସନ୍ଥକବି ଭୀମ ଭୋଇ ଓ ସ୍ୱଭାବ କବି ଗଙ୍ଗାଧର ମେହେର ଏବଂ ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ଯଥା ନୂଆଁଖାଇ, ଶୀତଳଷଷ୍ଠୀ, ସମ୍ବଲପୁରୀ ବାନ୍ଧ, ସମ୍ବଲପୁରୀ ନୃତ୍ୟ ଉପରେ ଗୋଟିଏ ଲେଖାଏଁ ଡାକ ଟିକଟ ଏବଂ ଧନୁଯାତ୍ରା ଉପରେ ଦୁଇଟି ଡାକ ଟିକଟ ଉନ୍ମୋଚିତ ହୋଇଛି । ୫ ଜିଲ୍ଲାର ସମ୍ବଲପୁର, ବରଗଡ଼, ଦେବଗଡ଼, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାର ୪୨ଟି ଡାକଘରର ଉଦ୍‌ଘାଟନ ମଧ୍ୟ ହୋଇଥିଲା । ଶୁକ୍ରବାର ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାରେ ୨୩ଟି ଡାକଘର ଲୋକାର୍ପଣ ହେବା ବଡ ଉପଲବ୍ଧି । ମୋଦି ସରକାରରେ ଲୋକଙ୍କ ଜୀବନକୁ ସହଜ କରିବା ପାଇଁ ଡାକ ଘରର ରୂପରେଖ ବଦଳିଛି । ବ୍ୟାଙ୍କ ଭଳି ସମସ୍ତ ସୁବିଧା ଡାକ ଘର ପକ୍ଷରୁ ଲୋକମାନଙ୍କୁ ଯୋଗାଇ ଦିଆଯାଉଛି । ଢେଙ୍କାନାଳ ଓ ଅନୁଗୋଳ ଜିଲ୍ଲାରେ ଉଦ୍‌ଘାଟିତ ନୂତ ଡାକ ଘର ନାଗରିକଙ୍କୁ ତ୍ୱରିତ ଡାକସେବା ହାତ ପାଆନ୍ତାରେ ପହଞ୍ଚାଇ ସ୍ଥାନୀୟ ଯୋଗାଯୋଗ ବ୍ୟବସ୍ଥାକୁ ଆହୁରି ମଜଭୁତ୍ କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

# ଶ୍ରୀ ବଳଦେବଜୀଉଙ୍କ କନ୍ଦରାସୁର ବଧ ବେଶ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ାର ଆରାଧ୍ୟ ଦେବ ଶ୍ରୀ ବଳଦେବଜୀଉଙ୍କ କନ୍ଦରାସୁର ବଧ ବେଶ ଅନୁଷ୍ଠିତ ହୋଇଯାଇଛି। ପରମ୍ପରା ଅନୁଯାୟୀ ମାଘ ପୂର୍ଣ୍ଣିମା ତିଥିରେ ଶ୍ରୀଜୀଉ ମାନଙ୍କର ଏହି ବେଶ ଅନୁଷ୍ଠିତ ହୋଇଆସୁଛି । ପ୍ରତ୍ୟୁଷରୁ ପୌଢ କରାଯାଇ ଜୟ ମଙ୍ଗଳା ଆଳତୀ, ନୀତି ସ୍ନାନ, ବଲ୍ଲଭ, ସକାଳ ଧୂପ, ଦ୍ୱିପ୍ରହର ଧୂପ ପ୍ରଭୃତି ପୂଜାକ୍ରମ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ଉଠାଣୀ ଆଳତୀ ପରେ ଶ୍ରୀଜୀଉଙ୍କୁ ବେଶ କରାଯାଇ ଭକ୍ତମାନଙ୍କ ଦର୍ଶନ ନିମନ୍ତେ ପହୁଡ ଖୋଲାଯାଇଥିଲା । ପୁରାଣ ବର୍ଣ୍ଣିତ ତଥ୍ୟ ମୁତାବକ ଦୁର୍ଦ୍ଦାନ୍ତ ଦାନବ କନ୍ଦରାସୁରକୁ ମହାପ୍ରଭୁ ଶ୍ରୀ ବଳଦେବଜୀଉ ହଳ ଲଙ୍ଗଳରେ ସଂହାର କରି ତାଙ୍କର କନ୍ୟା ତୁଳସୀକୁ ବିବାହ କରିଥିଲେ । ସେବେଠାରୁ କନ୍ଦରାସୁର ନାମ ଅନୁଯାୟୀ କେନ୍ଦ୍ରାପଡା ନାମକରଣ କରାଯାଇଥିବା ଗବେଷକ ମାନେ ମତ ଦେଇଥାନ୍ତି । ପରେ ବେଶ ଲାଗି କରାଯାଇ ଦିଅଁ ମାନଙ୍କର ମହାସ୍ନାନ, ରାତ୍ର ଧୂପ ଓ ବଡ ସିଂହାର ନୀତି ବିଳମ୍ବିତ ରାତିରେ ଅନୁଷ୍ଠିତ ହୋଇଥିବା ସୂଚନା ମିଳିଛି । ଏହି ବେଶ ଦେଖିବା ପାଇଁ ଇଚ୍ଛାପୁର ସ୍ଥିତ ମନ୍ଦିରରେ ବହୁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ଜଣାପଡିଛି ।



# ବ୍ୟାପକ ଗଞ୍ଜେଇ ଚାଷ ନଷ୍ଟ କଲା ପୋଲିସ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରାପ୍ତ ସୂଚନା ଅନୁଯାୟୀ ବୌଦ୍ଧ ଥାନା ବଘିଆପଡା ଫାଣ୍ଡି ଆମ୍ବଝରୀ ଗ୍ରାମ ପଞ୍ଚାୟତର ରାମେଶ୍ୱର ଗ୍ରାମ୍ୟ ଜଙ୍ଗଲରୁ ବ୍ୟାପକ ଗଞ୍ଜେଇ ଚାଷକୁ ନଷ୍ଟ କରିଛି ବୌଦ୍ଧ ଆଦର୍ଶ ଥାନା ପୋଲିସ୍ । ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଆରକ୍ଷୀ ଅଧୀକ୍ଷକ ରାଜ୍ ପ୍ରସାଦଙ୍କ ନିର୍ଦ୍ଦେଶକ୍ରମେ ବୌଦ୍ଧ ଆଦର୍ଶ ଥାନା ପୋଲିସ୍ ରାମେଶ୍ୱର ଗ୍ରାମ୍ୟ ଜଙ୍ଗଲରେ ଚଢ଼ଉ କରିଥିଲା । ଉକ୍ତ ଅଞ୍ଚଳରେ ହୋଇଥିବା ବେଆଇନ୍ ଗଞ୍ଜେଇ ଚାଷକୁ କାଟି ପୋଡି ନଷ୍ଟ କରିଥିବା ସୂଚନା ମିଳିଛି ।

# ସିଏମ୍‌ସିରେ ମୋ ୱାର୍ଡ ଅଭିଯାନ:ପରିମଳ ବ୍ୟବସ୍ଥା ପରିଚାଳନା କାର୍ଯ୍ୟ ତଦାରଖ କଲେ ମେୟର

**କଟକ, ନ୍ୟୁଜ୍ ବ୍ୟୁରୋ**

'ମୋ ୱାର୍ଡ' ଅଭିଯାନର ଦ୍ୱିତୀୟ ଦିବସରେ ମେୟର ୱାର୍ଡ ନଂ ୨୯ରେ ପରିମଳ ବ୍ୟବସ୍ଥାର ଦାୟିତ୍ୱରେ ଥିବା ସଂସ୍ଥା ତାହାର ପରିମଳ ବ୍ୟବସ୍ଥା କିପରି ଭାବରେ ପରିଚାଳନା କରୁଛି । ସେହି ବିଷୟରେ ମେୟର, ହାଜିରା ପଏଣ୍ଟ ପାଖରେ ପହଞ୍ଚି, ସେମାନଙ୍କର ଉପସ୍ଥାନ ନେବା ସହିତ ୱାର୍ଡର ପରିମଳ ବ୍ୟବସ୍ଥା ଉପରେ ତଦାରଖ କରିଥିଲେ । ଉକ୍ତ ସମୟରେ କଟକ ମହାନଗର ନିଗମର ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର, କନିଷ୍ଠ ଯନ୍ତ୍ରୀ, କର୍ପୋରେଟର ସୁମିତ୍ରା ବସ୍ତିଆ, ଆସିଷ୍ଟାଣ୍ଟ କମିଶନର ତ୍ରିନାଥ ବେହେରା, ସାନିଟାରୀ ଇନିସ୍ପେକ୍ଟର, ସ୍ୱଚ୍ଛ ସାଥି, ଦେବେନ୍ଦ୍ର ପାଣିଗ୍ରାହୀ, କାଳିଚରଣ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ । ଏହାପରେ ସକାଳ ୧୦ ଘଟିକା ସମୟରେ ମେୟରଙ୍କ ସହିତ ମହାନଗର ନିଗମର କମିଶନର ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ମୁଖ୍ୟ ଯନ୍ତ୍ରୀ ନନ୍ଦ କିଶୋର



ପାଲ, ସହକାରୀ ଯନ୍ତ୍ରୀ ଦେବେନ୍ଦ୍ର କୁମାର ପ୍ରଧାନ, ୱାଟକୋର ସହକାରୀ ଯନ୍ତ୍ରୀ ଜଗନ୍ନାଥ ସାହୁ, ଯାଇକାର ଯନ୍ତ୍ରୀ ସ୍ୱର୍ଣ୍ଣପ୍ରଭା, କନିଷ୍ଠ ଯନ୍ତ୍ରୀ, କର୍ପୋରେଟର, ସୁମିତ୍ରା ବସ୍ତିଆ ପ୍ରମୁଖ ଓ ସ୍ଥାନୀୟ ଜନସାଧାରଣ ମାନେ ଏକତ୍ର ହୋଇ ୱାର୍ଡରେ ଥିବା ସମସ୍ତ ସ୍କୁଲ, ଖେଳ ପଡିଆ, ଡାକ୍ତରଖାନା, ପାର୍କ, ନୂତନ ଭାବରେ ନିର୍ମାଣ ହେଉଥିବା ଡ୍ରେନ୍, ତାହାର ତଦାରଖ କରାଯିବା ସହିତ ଅଧିକାରୀ ମାନଙ୍କୁ କମିଶନର ଏବଂ ମେୟର ତୁରନ୍ତ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ମୋ ୱାର୍ଡ କାର୍ଯ୍ୟକ୍ରମର ତୃତୀୟ ସୋପାନରେ ସ୍ଥାନୀୟ ରାଜବଗିଚା ୟୁପି ସ୍କୁଲ ନିକଟସ୍ଥ ପଡିଆ ପରିସରରେ ୬୦୦ ଜଣ ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟା ମାନଙ୍କୁ ନେଇ ଏକ ବୈଠକ ହୋଇଥିଲା । ଉକ୍ତ ବୈଠକରେ ମେୟରଙ୍କ ସହିତ ମହାନଗର ନିଗମର ଡେପୁଟି କମିଶନର ଅଜୟ କୁମାର ମହାନ୍ତି, ବିବେକାନନ୍ଦ ଜେନା, ତପ୍ତି ଦାସ, ପ୍ରଫୁଲ୍ଲ ରାଜ, ରବୀନ୍ଦ୍ର ଜେନା, ବଳରାମ ପଟ୍ଟନାୟକ, ଗଣେଶ୍ୱର ସାହୁ, ପ୍ରସନ୍ନ ପଟ୍ଟନାୟକ, ଶୈଳେନ କୁମାର ଧଳ, ପ୍ରମୋଦ କୁମାର ସିହ୍ନା, କୁନୁ ରାଜ, ଶରତ କୁମାର ରାଜ, ବାଦଲ ମହାନ୍ତି, ବୁଲୁ ରାଜ ଦେଓ, ଶରତ ଚନ୍ଦ୍ର ସେଠୀ, ମନିରଣି ବରାଳ, ଉମରାନି ରଣା, ସୁପ୍ରଭା ବରାଳ, ବିଶ୍ୱଯୋତି ପଟ୍ଟନାୟକ, କେଶବ ପଟ୍ଟନାୟକ, ଡକ୍ଟର ରୁଦ୍ର ପ୍ରଶାଦ ଭୂୟାଁ, ପ୍ରଦୀପ କୁମାର ସିଂହ, ଗଣେଶ ସାହୁ, ପ୍ରତାପ ରାଜ, ଶତ୍ରୁଘ୍ନ ପଟ୍ଟନାୟକ, ଶରତ ଚନ୍ଦ୍ର ସେଠୀ, ରବୀନ୍ଦ୍ର କୁମାର ସାହୁ, ମିଲୁ ମହାପାତ୍ର, ବ୍ରଜ କିଶୋର ସାହୁ, ସୁବ୍ରତ ମିଶ୍ର, ଅମରେଶ ରାଜ, ନାରାୟଣ ସୁତାର, ମନୋଜ ମହାନ୍ତି, ପଙ୍କଜ ନାୟକ, ଚନ୍ଦନ ରାଜ, ବିରଜା ଶଙ୍କର ବର୍ଦ୍ଧନ, ବେବିନା ସେଠୀ, ମମତା ରାଉତ, ପୁଷ୍ପିତ ମନ୍ତ୍ରୀ, ଜୟଶ୍ରୀ ପରିଡ଼ା, ମିନତି ମହାନ୍ତି, ସୂର୍ଯ୍ୟନାରାୟଣ ସେନ୍, ଦେବେନ୍ଦ୍ର ପାଣିଗ୍ରାହୀ, ଦୀପ୍ତି ରଞ୍ଜନ ରାୟ, ଜଗନ୍ନାଥ ସ୍ୱାଇଁ, ମିତାଲି ଭଞ୍ଜ, ସକିଲ ଅଖତାର, ଜନ ଆଶିଷ ବରାଳ, କାଳିଚରଣ ପାଣିଗ୍ରାହୀ, ବିନୋଦ ପଣ୍ଡା, ସୟିଦ ଶେଖାତ ଅଲି, ମିହିର ରଞ୍ଜନ ସାହୁ, ଲୋକନାଥ ସାହୁ, ଅବିନାଶ ମଲ୍ଲ ପ୍ରମୁଖ ଉପସ୍ଥିତ ଥିଲେ ।

# ବୌଦ୍ଧ ଜିଲ୍ଲାରେ ଗଡ଼ିଲା 'ଲକ୍ଷ୍ମୀ' ବସ୍

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାରଙ୍କ ମହତ୍ୱାକାଂକ୍ଷୀ ଲକ୍ଷ୍ମୀ ବସ୍ ଯୋଜନା ବୌଦ୍ଧ ଜିଲ୍ଲାରେ ଶୁଭାରମ୍ଭ ହୋଇଯାଇଛି । ବୌଦ୍ଧ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଜିଲ୍ଲା ଷ୍ଟାଡିୟମ୍ ଠାରେ ଏହି ଯୋଜନା ଲୋକାର୍ପଣ ଉତ୍ସବ ଆୟୋଜନ କରାଯାଇଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ କରିଛନ୍ତି । ଉଦ୍‌ଘାଟନୀ ଉତ୍ସବରେ ବାଣିଜ୍ୟ ପରିବହନ ଓ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ, ଜଙ୍ଗଲ ପରିବେଶ, ପଞ୍ଚାୟତିରାଜ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, କନ୍ଧମାଳ ବିଧାୟକ ତଥା ଯୋଜନାବୋର୍ଡ ଅଧ୍ୟକ୍ଷ ମହାଧର ରଣା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଭଗବାନ କହଁର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ପ୍ରଭାସିନୀ ଦାସ, ବୌଦ୍ଧ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଜିଲ୍ଲାପାଳ ଜେ. ସୋନାଲ, ଆରକ୍ଷୀ ଅଧିକ୍ଷକ ରାଜ ପ୍ରାସାଦ ଯୋଗଦେଇଥିଲେ । ଏହି ସମାରୋହରେ ମନ୍ତ୍ରୀ ଶ୍ରୀ ଅମାତ ଓଡ଼ିଶା



ବିକାଶର ବିନ୍ଧାଣୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମରେ ଆମ ରାଜ୍ୟ ପ୍ରତ୍ୟେକ କ୍ଷେତ୍ରରେ ବିକାଶ ଧାରାରେ ପ୍ରବାହିତ ହେଉଥିବା ବେଳେ ଲକ୍ଷ୍ମୀ ବସ୍ ଯୋଜନା ବିକାଶ ଧାରାରେ ଆଉ ପାଦେ ଆଗେଇବ ବୋଲି କହିଥିଲେ । ସେହିପରି ମନ୍ତ୍ରୀ ଟୁକୁନି ସାହୁ ଓଡ଼ିଶାରେ ସାଢେ ୪ କୋଟି ଲୋକଙ୍କୁ ନିଜ ପରିବାର ବୋଲି ଭାବୁଥିବ ମୁଖ୍ୟମନ୍ତ୍ରୀଙ୍କ ପ୍ରତିବଦ୍ଧତା ଯୋଗୁଁ ରାଜ୍ୟ ଜନସଂଖ୍ୟାର ୫୦ ପ୍ରତିଶତ ମହିଳା ଏହି ଯୋଜନାରେ ସଶକ୍ତ ହେବେ ବୋଲି ବକ୍ତବ୍ୟ ରଖିଥିଲେ । ପ୍ରଥମ ପର୍ଯ୍ୟାୟରେ ବୌଦ୍ଧ ଜିଲ୍ଲାରେ ୬ ଗୋଟି ବସ୍ ସେବା ଆରମ୍ଭ ହୋଇଥିବା ବେଳେ ବୌଦ୍ଧ ବ୍ଲକରେ ଦୁଇଟି, କଣ୍ଟାମାଳ ବ୍ଲକରେ ଦୁଇଟି ଏବଂ ହରଭଙ୍ଗା ବ୍ଲକରେ ଦୁଇଟି ବସ୍ ଚଳାଚଳ କରିବ ବୋଲି ଜଣାପଡିଛି । ଏହି ଯୋଜନା ଦ୍ୱାରା ଗ୍ରାମାଞ୍ଚଳର ଛାତ୍ରଛାତ୍ରୀ, ମହିଳା, କୃଷକ, ଦିନ ମଜୁରିଆଙ୍କ ସମେତ ପ୍ରତ୍ୟେକ ଗ୍ରାମବାସୀ ସୁଲଭ ମୂଲ୍ୟରେ ବ୍ଲକ ମୁଖ୍ୟାଳୟକୁ ଯିବା ଆସିବା କରିପାରିବେ । ମହିଳା, ଛାତ୍ରଛାତ୍ରୀ ମାନେ ୫ ଟଙ୍କାରେ ଏବଂ ଅନ୍ୟମାନେ ୧୦ ଟଙ୍କା ଦେଇ ଲକ୍ଷ୍ମୀ ବସ୍‌ରେ ଯିବାଆସିବା କରିପାରିବେ । ବସ୍ ସେବା ଉଦ୍‌ଘାଟନ ପରେ ଉପସ୍ଥିତ ଉଭୟ ମନ୍ତ୍ରୀ, ଜିଲ୍ଲାପାଳ, ଏସ୍‌ପି ଏବଂ ଅନ୍ୟାନ୍ୟ ଅତିଥିମାନେ ଏହି ବସ୍‌ରେ ଭ୍ରମଣ କରିଥିଲେ ।

# ଯୁବତୀଙ୍କ ଠାରୁ ଝାମ୍ପିନେଲେ ସୁନା ହାର ଓ ରୂପା ମୁଦି

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲା ଧାମନଗର ଫଳପୁର ରାସ୍ତାର ଲୁଟେରାଙ୍କ ଆତଙ୍କରାଜ । ରାମେଶ୍ୱରପୁର ଗେଟ୍ ପାଖରେ ୨ ଜଣ ଦୁର୍ବୃତ୍ତ ବଡି ଭୋରୁ ରାସ୍ତାରେ ସ୍କୁଟି ଚାଳକ ଯୁବତୀଙ୍କ ଠାରୁ ଝାମ୍ପିନେଲେ ସୁନା ହାର, ରୁପା ମୁଦି ସହ ସ୍କୁଟି ଭାଙ୍ଗିଦେଇଥିବା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ମୁତାବକ ପଧାନୀ ପଞ୍ଚାୟତର କଣ୍ଟଦା ଗ୍ରାମର ସୁଧୀର କୁମାର ପତିଙ୍କ ଝିଅ ସୁଭସ୍ମିତା ପତି (୨୦) ଶୁକ୍ରବାର ବଡ଼ି ଭୋର୍ ସମୟରେ ସ୍କୁଟି ଯୋଗେ ବାପାଙ୍କୁ ସାଥିରେ ଧରି ଧାମନଗର ଅଭିମୁଖେ ଯାଇଥିଲେ । ବାପାଙ୍କର କଲିକତା ଯିବାର ଥିବାରୁ ତାଙ୍କୁ ଧାମନଗରରେ ଛାଡ଼ି ଝିଅ ଏକା ଘରକୁ ଫେରୁଥିଲେ । ହଠାତ୍ ରାମେଶ୍ୱରପୁର ଗେଟ୍ ନିକଟରେ ୨ ଜଣ ଦୁର୍ବୃତ୍ତ ବାଇକ୍ ଯୋଗେ ପଛରୁ ଆସି ସୁଭସ୍ମିତାକୁ ଧକ୍କା ଦେଇଥିଲେ । ସୁଭସ୍ମିତା ତଳେ ପଡିଯିବାରୁ ପିନ୍ଧିଥିବା ସୁନା ଅଳଙ୍କାର ଛଡାଇ ନେଇଥିଲେ । ସେହି ସମୟରେ ସାମ୍ନାରୁ ଅନ୍ୟ ଗାଡି ଲାଇଟ୍ ପଡ଼ିବାରୁ ଦୁର୍ବୃତ୍ତ ମାନେ ଛାଡ଼ି ପଳାଇଥିଲେ । ଏହକୁ ନେଇ ବାପା ସୁଧୀର ଧାମନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଧାମନଗର ପୋଲିସ ଅଭିଯୋଗ ପାଇ ତଦନ୍ତ ଆରମ୍ଭ କରିଛି । ଅନ୍ୟପକ୍ଷେ ଏହି ନିଛାଟିଆ ରାସ୍ତାରେ ପୋଲିସ ପଇଁନ୍ତରା ନହେବାରୁ ଲୁଟେରାମାନେ ବିଭିନ୍ନ ସମୟରେ ଛିନ୍ତାଇ ଭଳି ଆତଙ୍କରାଜ ଘଟୁଥିବା ଅଭିଯୋଗ ହେଉଛି ।

# ଆୟୁଷ୍ ହସ୍ପିଟାଲ୍ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲାର ଲକ୍ଷାଧିକ ଜନସାଧାରଣଙ୍କୁ ପାର୍ଶ୍ୱ ପ୍ରତିକ୍ରିୟା ବିହୀନ ଚିକିତ୍ସା ସୁବିଧା ମିଳିବା ନେଇ ରାଜ୍ୟ, କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ବାସ୍ତବ ରୂପ ନେବାକୁ ଯାଉଛି । ବହୁ ବର୍ଷର ଅପେକ୍ଷା ପରେ ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କରାପଲ୍ଲୀ ନିକଟରେ ନିର୍ମାଣ ଚାଲିଛି ଆୟୁଷ ହସ୍ପିଟାଲ୍ । ପ୍ରାରମ୍ଭିକ ସ୍ଥିତିରେ ଏହାର ନିର୍ମାଣ କାର୍ଯ୍ୟ ବିଭିନ୍ନ କାରଣ ଯୋଗୁଁ ବିଳମ୍ବିତ ହୋଇଥିଲା । କିନ୍ତୁ ସମ୍ପ୍ରତି ଏହି କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିବା ପରିଲକ୍ଷିତ ହୋଇଛି । ସୂଚନାଯୋଗ୍ୟ ଯେ, ୫୦ ଶଯ୍ୟା ବିଶିଷ୍ଟ ଏହି ହସ୍ପିଟାଲରେ ରୋଗୀଙ୍କୁ ଭାରତୀୟ ପାରମ୍ପରିକ ଚିକିତ୍ସା ପଦ୍ଧତି ଆୟୁର୍ବେଦ୍ ସହ ହୋମିଓପ୍ୟାଥି, ସିଦ୍ଧ, ଯୋଗ, ୟୁନାନୀ ଭଳି ପାର୍ଶ୍ୱ ପ୍ରତିକ୍ରିୟା ବିହୀନ ଚିକିତ୍ସା ଉପଲବ୍ଧ ହେବ । ଫଳରେ ବହୁ ଦୁଃସାଧ ରୋଗରୁ ଜନସାଧାରଣ ମୁକ୍ତି ପାଇବେ । ମୁଖ୍ୟତଃ ମଧୁମେହ, ଉଚ୍ଚ ରକ୍ତଚାପ, ଏକାଙ୍ଗବାତ, ଗଣ୍ଠିବ୍ୟଥା ଭଳି ବ୍ୟାଧିର ଏଠାରେ ସଫଳ ଚିକିତ୍ସା ହୋଇପାରିବ । ଏଠାରେ ଆଉଟ୍‌ଡ଼ୋର ଚିକିତ୍ସା ସହ ୫୦ଟି ଶଯ୍ୟା ଯୋଗେ ଦୁଃସାଧ ରୋଗର ଚିକିତ୍ସା ହୋଇପାରିବ । ପ୍ରକାଶଯୋଗ୍ୟ ଯେ, ଏହି ହସ୍‌ପିଟାଲ୍‌ର ନିର୍ମାଣ ପାଇଁ କେନ୍ଦ୍ର ଆୟୁଷ ମନ୍ତ୍ରଣାଳୟ ଗତ ୨୦୨୧ରେ ୧୨ କୋଟି ଟଙ୍କା ପ୍ରଦାନ କରିଥିଲେ । ତେବେ ଏହି ହସ୍‌ପିଟାଲ୍‌ଟି ପାଇଁ ଜାଗା ନିର୍ଦ୍ଧାରଣ କରିବା ପାଇଁ ଜିଲ୍ଲା ପ୍ରଶାସନ ଗତ ୨୦୧୬ ଠାରୁ ୨୦୨୧ ପର୍ଯ୍ୟନ୍ତ କାଳହରଣ ନୀତି ଅବଲମ୍ବନ କରିଥିଲା । ବହୁ ବିଳମ୍ବ ପରେ କରାପଲ୍ଲୀ ନିକଟରେ ଏହାର ନିର୍ମାଣ ପାଇଁ ସ୍ଥାନ ନିରୂପଣ ହୋଇ କାର୍ଯ୍ୟ ଆରମ୍ଭ ହୋଇଥିଲା । ପୂର୍ତ୍ତ ବିଭାଗ ଏହାର ଦାୟିତ୍ୱ ବହନ କରିଥିବା ବେଳେ ପ୍ରାଥମିକ ସ୍ତରରେ ଏହାର କାର୍ଯ୍ୟ ଅତି ମନ୍ଥର ଗତିରେ ଚାଲିଥିଲା । ଗତ କିଛି ମାସ ହେଲା ଏଥିରେ ପରିବର୍ତ୍ତନ ପରିଲକ୍ଷିତ ହୋଇଛି । ସମ୍ପ୍ରତି ଏହାର ନିର୍ମାଣ କାର୍ଯ୍ୟ ପ୍ରାୟତଃ ସରିଥିବା ଜଣାପଡ଼ିଛି । ଜିଲ୍ଲାର ଯେକୌଣସି ଅଞ୍ଚଳରୁ ଏଠାକୁ ଯିବା ଆସିବା କରିବା ପାଇଁ ଗାଡ଼ିର ସୁବିଧା ଉପଲବ୍ଧ ହେବ । ଏହି ହସ୍ପିଟାଲରେ ଚିକିତ୍ସା ଆରମ୍ଭ ହେବାପରେ ଆଗାମୀ ଦିନରେ କିଛି ନିର୍ଦ୍ଦିଷ୍ଟ ବ୍ୟାଧିଗ୍ରସ୍ତ ରୋଗୀମାନେ ଉପଶମ ପାଇପାରିବେ ବୋଲି ଆୟୁର୍ବେଦ ଚିକିତ୍ସକ ମହଲରେ ମତ ପ୍ରକାଶ ପାଇଛି ।

## ||||||||||| ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ତାଲିମ କାର୍ଯ୍ୟକ୍ରମ |||||||||||

# ପ୍ରଦତ୍ତ ଅର୍ଥର ସ୍ୱଚ୍ଛ ବିନିଯୋଗ ପାଇଁ ପିଏଫଏମ୍‌ଏସ୍ ଏକ ଉତ୍ତମ ପରିଚାଳନା ବ୍ୟବସ୍ଥା

**ବାଲେଶ୍ୱର, ନ୍ୟୁଜ୍**

ଫକୀର ମୋହନ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ବ୍ୟୁରୋ ଆନୁକୁଲ୍ୟରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ନିର୍ଦ୍ଦେଶ କ୍ରମେ ପିଏଫ୍‌ଏମ୍‌ଏସ୍ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜାତୀୟ ସେବା ଯୋଜନା ବ୍ୟୁରୋର କାର୍ଯ୍ୟକ୍ରମ ସଂଯୋଜକ ଡ଼ଃ ଅମୂଲ୍ୟ କୁମାର ଆଚାର୍ଯ୍ୟ ଅଧ୍ୟକ୍ଷତା କରିବା ସହ କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକ




ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳସଚିବ କୁକୁମୀନା ଦାସ ଯୋଗ ଦେଇ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ଦ୍ୱାରା ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ପରିଚାଳନା ପାଇଁ ପ୍ରଦତ୍ତ ଆର୍ଥିକ ରାଶିର ସ୍ୱଚ୍ଛ ବିନିଯୋଗ ନିମିତ୍ତ ପିଏଫ୍‌ଏମ୍‌ଏସ୍ ଏକ ଉତ୍ତମ ପରିଚାଳନା ବ୍ୟବସ୍ଥା ବୋଲି ଏହି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି । ଆଶୁତୋଷ ସିଂ ଓ ଅବିନାଶ ମିଶ୍ର ପ୍ରମୁଖ ବିଶେଷଜ୍ଞ ଯୋଗଦେଇ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଓ.ଡି.ଇ.ଓ ମାନଙ୍କୁ ପିଏଫ୍‌ଏମ୍‌ଏସ୍ ପରିଚାଳନା ପାଇଁ ତାଲିମ ପ୍ରଦାନ କରିଥିଲେ । ଭଦ୍ରକ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ କମଳାକାନ୍ତ ଓଝା, ବିଶ୍ୱବିଦ୍ୟାଳୟର ପ୍ରୋଗ୍ରାମ ଅଫିସର ଡ଼କ୍ଟର ପ୍ରତିମା ପ୍ରଧାନ ଓ ଡ଼କ୍ଟର ଜଗନ୍ନାଥ ବେହେରା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ପ୍ରଦୀପ କୁମାର ମୁଦୁଲି ଓ ତାପସ କୁମାର ପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିବାର ଦାୟିତ୍ୱ ନିର୍ବାହ କରିଥିଲେ । ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀମାନେ ଏହି କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବାରେ ସହଯୋଗ କରିଥିଲେ । ଶେଷରେ ବାଲେଶ୍ୱର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଗୌରାଙ୍ଗ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ

(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)

ମୋବାଇଲ-୯୩୩୭୬୯୩୦୨୨

csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୭୮, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୨୭।୨।୨୦୨୪, ଫାଲ୍‌ଗୁନ ଦ୧୫ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ-** ଘ୦୬।୦୯।୨୦ **ଚନ୍ଦ୍ରୋଦୟ-** ରାଘ ୮।୧୦।୧୨

ତୃତୀୟା- ରାଘ ୧।୫୪ ପର୍ଯ୍ୟନ୍ତ । ହସ୍ତା ନକ୍ଷତ୍ର ଓ କନ୍ୟା ଚନ୍ଦ୍ର- ଅହୋରାତ୍ର । **ଚନ୍ଦ୍ର ଶୁଦ୍ଧି-** ମେଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ଧନୁ ଓ ମୀନ ରାଶିର । **ଘାତଚନ୍ଦ୍ର-** ବୃଷ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଟଳ ରାଘ ୧।୫୪ ପରେ ମୂଳା ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୯।୦୬ ଗତେ ଘ ୧୦।୫୦ ମଧ୍ୟେ । ଦିଘ ୧।୦୯ ଗତେ ଘ ୧।୨୬ ମଧ୍ୟେ ।



**ମେଷ:** ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧି ହେବେ । ଆୟ ଠାରୁ ବ୍ୟୟର ପରିମାଣ ଅଧିକ ହେବ । ଘରେ କଳହ ଦେଖାଦେଇପାରେ । ବନ୍ଧୁଙ୍କ ସହ ମତାନ୍ତର ଓ ଅସଯୋଗ ଦେଖାଦେବ ।



**ବୃଷ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ଅସହଯୋଗ ଦେଖାଦେବ । ଆୟ ଓ ବ୍ୟୟ ସମାନ ରହିବ । ଘରେ ଅଶାନ୍ତିର ବାତାବରଣ ରହିବ । ମାନସିକ ଅଶାନ୍ତି ମନକୁ ଭାରାକ୍ରାନ୍ତ କରିବ ।



**ମିଥୁନ:** ଆୟ ଯୋଗର ସମ୍ଭାବନା । ଶତ୍ରୁ ନାଶ ହେବେ । ଦେହ ଓ ମନ ଭଲ ରହିବ । ପରୋପକାରୀ ହେବେ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ମହିଳାମାନେ ସୁଖୀ ହେବାର ସୂଚନା ।



**କର୍କଟ:** ଶରୀରରେ ସାମାନ୍ୟ ପୀଡ଼ା ଦେଖାଦେଇପାରେ । ଶୁଭ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ଅଟେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ରୋଜଗାର ଭଲ ହେବ । ଦୂରଯାତ୍ରା କରି ସଫଳତା ହାସଲ କରିବେ ।



**ସିଂହ:** ଶୁଭ ଖବର ପାଇ ଆନନ୍ଦିତ ହେବେ । କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଆର୍ଥିକ ସ୍ଥିତି ଭଲ ରହିବ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । କଚେରି ମାମଲାରେ ଶୁଣାଣି ବିଳମ୍ବ ହେବ ।



**କନ୍ୟା:** ଆଜି ଆପଣଙ୍କର ଦିନଟି ଆନନ୍ଦରେ କଟିବ । ବ୍ୟବସାୟରେ ଲାଭବାନ୍ ହେବେ । ରୋଜଗାରର ପରିମାଣ ବଢ଼ିବ । ଘରେ ଆନନ୍ଦ ଦେଖାଦେବ । ବନ୍ଧୁଙ୍କ ସହ ଆମୋଦ ପ୍ରମୋଦରେ ଦିନଟି କଟିପାରେ ।



**ତୁଳା:** ଦୂର ସ୍ଥାନକୁ ଯିବା ପାଇଁ ବାଧ ହେବେ । ଆର୍ଥିକ କ୍ଷେତ୍ରରେ ଉନ୍ନତି ଘଟିବ । ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ । ଘରେ ଆନନ୍ଦ ଦେଖାଦେବ । ମହିଳାମାନେ ସୁଖୀ ହେବେ ।



**ବିଛା:** ଦାମ୍ପତ୍ୟ ଜୀବନ ସୁଖମୟ ହେବ । ମାନସିକ ଶାନ୍ତି ଅବ୍ୟାହତ ରହିବ । ଅଟକି ରହିଥିବା କାର୍ଯ୍ୟଟି ସମ୍ପୂର୍ଣ୍ଣ ହେବ । ଶରୀର ସୁସ୍ଥ ରହିବ । ଆୟ ଓ ବ୍ୟୟ ସମାନ ରହିବାର ସୂଚନା ।



**ଧନୁ:** ପରିଶ୍ରମ ତୁଳନାରେ ପାରିଶ୍ରମିକ ମିଳିବ ନାହିଁ । ମାନସିକ ଅଶାନ୍ତି ମନକୁ ବିଚଳିତ କରିବ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହେବେ ।



**ମକର:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହେବ । ପରୋପକାର କରି ଆନନ୍ଦିତ ହେବେ । ମନ ଭଲ ରହିବ । ରୋଜଗାର ଭଲ ହେବ । ଘରେ ଶାନ୍ତି ଲାଭ ହେବ ।



**କୁମ୍ଭ:** କର୍ମକ୍ଷେତ୍ରରେ ଆତ୍ମ ସନ୍ତୋଷ ଲାଭ କରିବେ । ପାରିବାରିକ ଶାନ୍ତି ଅବ୍ୟାହତ ରହିବ । ଆୟ ମଧ୍ୟମ ଧରଣର ହେବ । ଦେବ ଦର୍ଶନ ସହିତ ସେବା ପୂଜାର ସୁଯୋଗ ମଧ୍ୟ ଜୁଟିପାରେ ।



**ମୀନ:** ସାମାଜିକ ସ୍ତରରେ ମାନ ସମ୍ମାନ ବଢ଼ିବ । କର୍ମକ୍ଷେତ୍ରରେ ଶୁଭଫଳ ପାଇବେ । ପାରିବାରିକ ଶାନ୍ତି ମିଳିବ । ମାଲିମୋକଦ୍ଦମାରେ ଶୁଣାଣି ବିଳମ୍ବ ହେବ । ପିଲାମାନେ ପଢ଼ାପଢ଼ିରେ ମନ ଦେବେ ।

# ଥିଙ୍କର୍ସ କ୍ଲବ୍ ଦ୍ୱାରା ଶ୍ରୀମନ୍ଦିର ମହାପ୍ରସାଦ ମାହାତ୍ମ୍ୟ ଆଭାସି ଆଲୋଚନା

**କଟକ, ନ୍ୟୁଜ୍ ବ୍ୟୁରୋ**

ଶ୍ରୀ ଜଗନ୍ନାଥ ମନ୍ଦିରରେ ୨୫୬ଟି ଚୁଲ୍ଲାରେ ୯ଟି ହାଣ୍ଡି ଉପରେ ୯ ଗୋଟି ହାଣ୍ଡି ରଖାଯାଇ ଏକ କାଳୀନ ରନ୍ଧା ହୁଏ । ବଡ ସୁଆର ଏହା ପ୍ରସ୍ତୁତ କରିଥାନ୍ତି । ଶଙ୍ଖୁଡ଼ି ଓ ନିଶଙ୍ଖୁଡ଼ି ଦୁଇ ପ୍ରକାର ମହାପ୍ରସାଦ ପ୍ରସ୍ତୁତ ହୋଇଥାଏ । ଏହର ଅନ୍ୟ ନାମ ନିର୍ମାଲ୍ୟ, କୈବଲ୍ୟ ବୋଲି ଥିଙ୍କର୍ସ କ୍ଲବର ୯୭ତମ ଆଭସୀ ଆଲୋଚନାରେ ମୁଖ୍ୟବକ୍ତା ଡ. ନରେଶ ଦାଶ ପ୍ରକାଶ କରିଛନ୍ତି । ସେ କହିଲେ ଯେ ରୋଷ ଘରର ଅଧିପତି ହେଲେ ଦକ୍ଷିଣ କାଳିକା । ସ୍ୱୟଂ ଲକ୍ଷ୍ମୀ ମହାପ୍ରସାଦ ରନ୍ଧନ କରିଥାନ୍ତି ଓ ମହାପ୍ରଭୁ ଭୋଜନ କରନ୍ତି । ଅମୋଣିହା, ଅର୍ଣ୍ଣ, ଛେକ, ଭୈରବ ଚକ୍ର ଭୋଗ ପୂଜା ପରେ ନୈବେଦ୍ୟ, ପ୍ରସାଦ, ପ୍ରଭୁଙ୍କ ସେବନ ପରେ ଶ୍ରୀ ମହାପ୍ରସାଦ ଓ ବିମଳାଙ୍କ ପାଖେ ପୂଜା ପରେ କୈବଲ୍ୟ କୁହାଯାଏ । ଏହାର ଅନ୍ୟ ନାମ ଅବଢ଼ା ବା ନିର୍ମାଲ୍ୟ ବୋଲି ଗବେଷକ ଡ. ଦାଶ ପ୍ରକାଶ କରିଥିଲେ । ଶ୍ରୀ ମନ୍ଦିର ମହାସୁଆର ନିଯୋଗ ସମ୍ପାଦକ ଗଣେଶ୍ୱର ମହାସୁଆର କହିଲେ ସୁଦ୍ଧତା, ଶୌଚତା, ସଂସ୍କାର ସହକାରେ ମହାପ୍ରସାଦ ପ୍ରସ୍ତୁତ କରାଯାଇଥାଏ । କୋଇଲା ଚୁଲିରେ କଷ୍ଟ ସହକାରେ ପିଠା ଭୋଗ ପ୍ରସ୍ତୁତ ହୁଏ । ଅଧ ଘଣ୍ଟାରେ ଦଶ ହଜାର ଲୋକଙ୍କ ପାଇଁ ମହାପ୍ରସାଦ ପ୍ରସ୍ତୁତ ହୋଇଥାଏ । ବିଶ୍ୱରେ ଏପରି ଭୋଗ କେଉଁଠାରେ ମିଳେନାହିଁ । ଅତିଥି ଭାବେ ଭିଏତନାମ କନସଲ ଜେନେରାଲ ଡ. ମଦନ ମୋହନ ସେଠୀ, ଆଇଏଫଏସ ମହାପ୍ରସାଦ ମହିମା ସମ୍ପର୍କରେ କହିଥିଲେ ଓ ଏପରି ଉଦ୍ୟମକୁ ପ୍ରଶଂସା କରି ଭବିଷ୍ୟତରେ ଆବଶ୍ୟକ ସହଯୋଗ କରିବେ ବୋଲି କହିଥିଲେ । ସଭାରେ ଅଧ୍ୟକ୍ଷତା କରି ଥିଙ୍କର୍ସ କ୍ଲବ ସଭାପତି ବରଦା ଦାସ ମହାପ୍ରସାଦ ମାହାତ୍ମ୍ୟ ଓ ଏହା ବିଶ୍ୱରେ ଅଦ୍ୱିତୀୟ ବୋଲି କହିଥିଲେ । ଜର୍ମାନରୁ ପ୍ରୀତିଶ ଦାସ, ଲଣ୍ଡନରୁ ସୁକାନ୍ତ ସାହୁ, ବାହାରିନରୁ ସୁବାସ ସାହୁ, ଦିଲ୍ଲୀରୁ ପ୍ରକାଶ ନାୟକ, ଛତିଶଗଡରୁ ପ୍ରତାପ ରାଉତ, ମଧ୍ୟପ୍ରଦେଶରୁ ଡ. ରଜତ କୁମାର ଶତପଥୀ, ବେଙ୍ଗାଲୁରୁରୁ ବିଭୁଦତ୍ତ ମହାନ୍ତି, ଡ. ନନ୍ଦ ନନ୍ଦନ ଦାସ, ମନ୍ମଥ ନାଥ ପାଣି ପ୍ରଶ୍ନ ମାନ ପଚାରିଥିଲେ । ଆସନ୍ତା ୩ ଓ ୧୦ ତାରିଖରେ ମହାତ୍ମା ଗାନ୍ଧୀଙ୍କ ଅହିଂସା ସର୍ବୋଦୟ ସମାଜବାଦ ନୀତି ଓ ଏଲେ କ୍ବରାଲ ବଣ୍ଡ ଉପରେ ଆଲୋଚନା ହେବ ।

# ଟେଷ୍ଟ ଖେଳୁନଥିବା ଖେଳାଳିଙ୍କ ପାଇଁ ଟିମ୍ ଇଣ୍ଡିଆର ଦ୍ୱାର ବନ୍ଦ : ରୋହିତ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ–୩୧ ● ସଂଖ୍ୟା–୩୨ ● ୨୭ଫେବୃୟାରୀ ୨୦୨୪, ମଙ୍ଗଳବାର ● ଭୁବନେଶ୍ୱର ● Vol -31 ● Issue-32 ● 27th February 2024, Tuesday ● Bhubaneswar | Licensed to post without pre-payment of postage No- BN-60/22-24





ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ଧନୀଙ୍କ ଖର୍ଚ୍ଚ ଗରିବଙ୍କଠାରୁ ୧୦ ଗୁଣା ଅଧିକ

ଦେଶରେ ଗ୍ରାମାଞ୍ଚଳ ଲୋକଙ୍କ ମାସିକ ମୁଣ୍ଡପିଛା ଖର୍ଚ୍ଚ ବଢୁଛି। ଫଳରେ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ଲୋକଙ୍କ ମୁଣ୍ଡପିଛା ଖର୍ଚ୍ଚରେ ଥିବା ପାର୍ଥକ୍ୟ ୭୧.୨ ପ୍ରତିଶତକୁ ହ୍ରାସ ପାଇଛି। ୨୦୧୧-୧୨ ଆର୍ଥିକ ବର୍ଷରେ ଏହି ପାର୍ଥକ୍ୟ ୮୩.୯ ପ୍ରତିଶତ ରହିଥିଲା। ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ପ୍ରକାଶ ହୋଇଥିବା ପାରିବାରିକ ଖର୍ଚ୍ଚ ସର୍ଭେ ରିପୋର୍ଟରୁ ଏହି ତଥ୍ୟ ସାମ୍ନାକୁ ଆସିଛି। କେନ୍ଦ୍ର ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଗ୍ରାମାଞ୍ଚଳର ସବୁଠୁ ଗରିବ ୫ ପ୍ରତିଶତ ଲୋକଙ୍କ ମାସିକ ହାରାହାରି ଖର୍ଚ୍ଚ ୧୩୭୩ ଟଙ୍କା ରହିଥିବାବେଳେ ସହରାଞ୍ଚଳର ସବୁଠୁ ଗରିବ ୫ ପ୍ରତିଶତ ଲୋକଙ୍କ ମାସିକ ହାରାହାରି ଖର୍ଚ୍ଚ ୨୦୦୧ ଟଙ୍କା ରହିଛି। ଗାଁରେ ଗରିବ ଲୋକଟିଏ ଦୈନିକ ୪୬ ଟଙ୍କା ଖର୍ଚ୍ଚ କରି ଗୁଜୁରାଣ ମେଣ୍ଟାଉଛି। ଅନ୍ୟ ପକ୍ଷରେ ଗ୍ରାମାଞ୍ଚଳରେ ଧନୀ ୫ ପ୍ରତିଶତ ଲୋକଙ୍କ ହାରାହାରି ମାସିକ ଖର୍ଚ୍ଚ ଗ୍ରାମାଞ୍ଚଳରେ ୧୦,୫୦୧ ଟଙ୍କା ଥିବାବେଳେ ସହରାଞ୍ଚଳରେ ଏହା ୨୦,୮୨୪ ଟଙ୍କା ରହିଛି। ଅନ୍ୟପକ୍ଷରେ ଗ୍ରାମାଞ୍ଚଳର ସବୁଠୁ ଗରିବ ୫ ପ୍ରତିଶତ ଲୋକଙ୍କ ତୁଳନାରେ ସବୁଠୁ ଧନୀ ୫ ପ୍ରତିଶତ ଧନୀଙ୍କ ଖର୍ଚ୍ଚରେ ୭.୬୫ ଗୁଣା ଅଧିକ ରହିଛି। କିନ୍ତୁ ସହରାଞ୍ଚଳ କ୍ଷେତ୍ରରେ ଏହା ୧୦ ଗୁଣାରୁ ଅଧିକ ରହିଛି। ତଥ୍ୟରୁ ଅନ୍ୟ ଯେଉଁ ବିଷୟ ସାମ୍ନାକୁ ଆସିଛି ତାହା ହେଲା ଗ୍ରାମୀଣ ଭାରତର ଲୋକମାନେ ୨୦୨୨-୨୩ରେ ମାସିକ ମୁଣ୍ଡପିଛା ୧୭୫୦ ଟଙ୍କା ଖର୍ଚ୍ଚ କରୁଛନ୍ତି, ଯାହାକି ସେମାନଙ୍କ ମୋଟ ଖର୍ଚ୍ଚର ୪୬ ପ୍ରତିଶତ। କିନ୍ତୁ ସହରାଞ୍ଚଳ ଲୋକଙ୍କ ମାସିକ ମୁଣ୍ଡପିଛା ଖାଦ୍ୟ ବାବଦ ଖର୍ଚ୍ଚ ୨୫୩୦ ଟଙ୍କା ବା ମୋଟ ଖର୍ଚ୍ଚର ୩୯ ପ୍ରତିଶତ ରହିଛି। ୨୦୧୧-୧୨ରେ ଗ୍ରାମୀଣ ଭାରତରେ ଖାଦ୍ୟ ବାବଦ ମୁଣ୍ଡପିଛା ମାସିକ ଖର୍ଚ୍ଚ ମୋଟ ଖର୍ଚ୍ଚର ୫୨.୯୦ ପ୍ରତିଶତ ଏବଂ ସହରାଞ୍ଚଳ ଭାରତର ଖାଦ୍ୟ ବାବଦ ଖର୍ଚ୍ଚ ମୋଟ ଖର୍ଚ୍ଚର ୪୨.୬୨ ପ୍ରତିଶତ ରହିଥିଲା। ଅନ୍ୟପକ୍ଷରେ ଅଣଖାଦ୍ୟ ଖର୍ଚ୍ଚ ଗ୍ରାମାଞ୍ଚଳ ଲୋକଙ୍କ ମଧ୍ୟରେ ୫୪ ପ୍ରତିଶତ ଥିବାବେଳେ ସହରାଞ୍ଚଳରେ ୬୧ ପ୍ରତିଶତ ରହିଛି। ଗତ ୧୧ ବର୍ଷ ମଧ୍ୟରେ ଏହି ପାର୍ଥକ୍ୟ ହ୍ରାସ ପାଇଛି। ଗ୍ରାମାଞ୍ଚଳରେ ଜଣେ ବ୍ୟକ୍ତିଙ୍କ ମାସିକ ଖର୍ଚ୍ଚ ୨୦୨୨-୨୩ରେ ୩୭୭୩ ଟଙ୍କାକୁ ବୃଦ୍ଧି ପାଇଛି ଯାହା ୨୦୧୧-୧୨ରେ ୧୪୩୦ ଟଙ୍କା ଥିଲା। ଅର୍ଥାତ୍ ଉପରୋକ୍ତ ସମୟ ମଧ୍ୟରେ ଗ୍ରାମାଞ୍ଚଳ ଲୋକଙ୍କ ମୁଣ୍ଡପିଛା ହାରାହାରି ଖର୍ଚ୍ଚରେ ୧୬୪ ପ୍ରତିଶତ ବୃଦ୍ଧି ଘଟିଛି। ଅନ୍ୟପକ୍ଷରେ ସହରାଞ୍ଚଳ ଲୋକଙ୍କ ମାସିକ ମୁଣ୍ଡପିଛା ଖର୍ଚ୍ଚ ୨୦୨୨-୨୩ରେ ୬୪୫୯ ଟଙ୍କା ରହିଛି। ୨୦୧୧-୧୨ରେ ସେମାନଙ୍କ ମୁଣ୍ଡପିଛା ମାସିକ ଖର୍ଚ୍ଚ ୨୬୩୦ ଟଙ୍କା ରହିଥିଲା। ଅର୍ଥାତ୍ ଉପରୋକ୍ତ ସମୟ ମଧ୍ୟରେ ସହରାଞ୍ଚଳ ଲୋକଙ୍କ ମାସିକ ମୁଣ୍ଡପିଛା ଖର୍ଚ୍ଚରେ ୧୪୬ ପ୍ରତିଶତ ବୃଦ୍ଧି ଘଟିଛି। ଦେଶରେ ପାରିବାରିକ ଖର୍ଚ୍ଚ ସର୍ଭେ ରିପୋର୍ଟ ୫ ବର୍ଷ ବ୍ୟବଧାନରେ ହୋଇଥାଏ। ତେବେ ୨୦୧୭ ଜୁଲାଇରୁ ୨୦୧୮ ଜୁନ ପର୍ଯ୍ୟନ୍ତ ହୋଇଥିବା ୭୫ତମ ପର୍ଯ୍ୟାୟ ସର୍ଭେ ରିପୋର୍ଟ ସରକାର ପ୍ରକାଶ କରି ନଥିଲେ। ଖର୍ଚ୍ଚ ଢାଞ୍ଚା ଏବଂ ଦିଗରେ ବ୍ୟାପକ ବ୍ୟତିକ୍ରମ ରହିଥିବା ଦର୍ଶାଇ ସରକାର ଏହାକୁ ଅପ୍ରକାଶ୍ୟ ରଖିଥିଲେ। କିନ୍ତୁ ଲିକ୍ ହୋଇଥିବା ରିପୋର୍ଟରୁ ଜଣାପଡ଼ିଥିଲା ଯେ ଖର୍ଚ୍ଚ ହ୍ରାସ ପାଇଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ହେ ଭଗବାନ**

ଗଢ଼ିବା ଭାଙ୍ଗିବା
ସବୁ ତୁମରି ଇଚ୍ଛା
ମିଛେ ଖାଲି ଭକ୍ତେ
କରୁଛୁ ପରୀକ୍ଷା
ହେ ଭଗବାନ
ଏହି କି ତୁମ୍ଭର ଲୀଳା ଦୁନିଆଁ
**ଭଗବାନ**

ଆତ୍ମାକୁ ବହୁ କଷ୍ଟ ଦେଲି
ନିଜ ଠାକୁର ନଚିହ୍ନିଲି (୧୦୦)
ଏପରି ମନଦୁଃଖ କରି
ଶୋଇଲି ବୃକ୍ଷ ଆଶ୍ରା କରି
(୧୦୧)
ଆତ୍ମାକୁ କଷ୍ଟ ହେଲା ଯେଣୁ
ଆତ୍ମାରୁ ବାଣୀ ହେଲା ତେଣୁ
(୧୦୨)
ଅନ୍ତର ବାହାରେ ଅନନ୍ତ
ମୁଁ ସବସ୍ତ ଭୂତରେ ଉଦିତ (୧୦୩)

ତୋ ହୃଦ କମଳେ ମୁଁ ଅଛି
ନାମ ଅନନ୍ତ ପ୍ରକାଶୁଛି (୧୦୪)
ଏ ନାମ ହୃଦେ ତୁହି ଧରି
ଘୋର ସଂସାରୁ ହୁଅ ପାରି
(୧୦୫)

ଜୀବ ଜଗତ ମଧ୍ୟେ ଥାଇ
ଅନନ୍ତ ନାମ ଅଭିବାଇ (୧୦୬)

ଜାଣଇ ନାହିଁ ଦୁଃଖ ସୁଖ
ଜାଣଇ ନାହିଁ ଯୋଗ ଭୋଗ
(୧୦୭)

ଜାଣଇ ନାହିଁ ମନ୍ତ୍ର ଯନ୍ତ୍ର
ଜାଣଇ ନାହିଁ ମୁହିଁ ତନ୍ତ୍ର (୧୦୮)

କେବଳ ନାମ ମୋ ଭରସା
ଅନନ୍ତ ଛଡା ନାହିଁ ଆଶା (୧୦୯)

ବୁଝୁ ନ ବୁଝୁ ଏ ଜଗତ
କେବଳ ସାକ୍ଷୀ ମୋ ଅନନ୍ତ
(୧୧୦)

ଏ ଭାବେ ଜୀବନ କାଟୁଛି
ଅଭି ନ ଜାଣେ ଆନ କିଛି
(୧୧୧)

ସେ ଦିନୁ ଭକ୍ତ ଆତଜାତ
ଯେଣୁ ଅଛନ୍ତି ଶ୍ରୀ ଅନନ୍ତ (୧୧୨)

ଭକତ ଭଗବାନ ଖେଳ
ଭାବରେ ଖାଲି ମୁହିଁ ଭୋଳ
(୧୧୩)

ଯେଉଁଠି ପ୍ରଭୁ ଶ୍ରୀ ଅନନ୍ତ
ମୁହିଁ ତ ସେଠାରେ ନିମିତ୍ତ
(୧୧୪)

ଭକତ ଭାବେ ଭାବଗ୍ରାହୀ
ଉଚିତ ଫଳ ଦେବେ ସେହି (୧୧୫)

ବିଚାର କଉସା ମୋର ପ୍ରଭୁ
ଭାବ ଅଭାବ ସେହି ସବୁ (୧୧୬)
ସବସ୍ତ ସମର୍ପିସ ବସି ଅଛି
ନାମ କେବଳ ହୃଦେ ଅଛି(୧୧୭)

ଅନନ୍ତ ନାମ ସାକ୍ଷୀ ରଖି
ଭକତ ନାବ ବାହୁ ଅଛି (୧୧୮)
ମୁଁ ମୂଢ ଅଜ୍ଞାନୀ କୁନର
କରେ ନି ପ୍ରଭୁଙ୍କୁ ଜୁହାର (୧୧୯)

ଜାଣେନି ଦାସ ଭାବ ମୁହିଁ
ଜାଣିନି ଭଗବାନ କାହିଁ (୧୨୦)

ପ୍ରଚାର ପ୍ରସାର ଜାଣିନି
ଧୂପ ନୈବେଦ୍ୟ ମୁଁ ଜାଣିନି(୧୨୧)

ଅନ୍ତର ଆତ୍ମାରେ ଭଜୁଛି
କେବଳ ଭକ୍ତିରେ ଡାକୁଛି (୧୨୨)

ବିଶ୍ୱାସ ଫୁଲମାଳ ଧରି
ଡାକୁଛି ଆହେ ବଂଶଧାରୀ (୧୨୩)

ଶାନ୍ତିର ଜଳ ହସ୍ତେ ରଖି
ଦେଉଛି ଆହେ ନନ୍ଦବସ୍ତି (୧୨୪)

ଶ୍ରଦ୍ଧାର ଫଳ ତୋତେ ଦେଇ
ଭକ୍ତିରେ ନୈବେଦ୍ୟ କରଇ (୧୨୫)

ଆଉମୋ ପାଶେ କିଛି ନାହିଁ
ରଖିଲେ ରଖ ଭାବଗ୍ରହୀ (୧୨୬)

ଏଥିରେ ଯଦି ତୁ ଆନନ୍ଦ
ତୋ ଭକ୍ତ ରଖ ଆଦିକନ୍ଦ (୧୨୭)

(କ୍ରମଶଃ)

# "ଡେଭିଲ ଧୂମକେତୁ" ଆସୁଅଛି, ହେଲୀ କେବେ ? (୬)



ଡ. ଦେବାଶୀଷ ରାୟ
(ପରିବେଶ ବିଜ୍ଞାନୀ)
୪୬୪, ସହିଦ ନଗର
ଭୁବନେଶ୍ୱର-୭
ମୋ : ୭୦୦୮୩୧୯୭୭୪

ପୂର୍ବ ଥର ଇତିହାସ କୁ ଭାଗ ଭାଗ କରି ପ୍ରତ୍ୟେକ ସମୟରେ ମନୁଷ୍ୟର ଧୂମକେତୁ ବିଷୟରେ କି ଚିନ୍ତାଧାରା ଥିଲା ସେ ବିଷୟରେ ସମ୍ୟକ ଧାରଣା ପାଇଥିଲେ। ପ୍ରଥମେ ଆରମ୍ଭ କରିଥିଲୁ ପୁରାତନ ଗ୍ରୀକ୍ ସଭ୍ୟତାରୁ ଉନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ । ସେଇ କ୍ରମରେ ଅଧିକ ତଥ୍ୟ ଆଣିବାକୁ ଚେଷ୍ଟା କରିବା। ଜ୍ୟୋତିର୍ବିଜ୍ଞାନୀଙ୍କ ପାଇଁ ଆଉ ଏକ କୌତୁହଳପୂର୍ଣ୍ଣ ସମସ୍ୟା ହେଉଛି ୧୮୨୬ ମସିହାରେ ଅଷ୍ଟ୍ରିଆର ସାମରିକ ଅଧିକାରୀ ତଥା ଜ୍ୟୋତିର୍ବିଜ୍ଞାନ ୱିଲହେଲମ୍, ଫ୍ରାଇହେର (ବେରୋନ) ଭନ୍ ବିଏଲାଙ୍କ ଦ୍ୱାରା ଆବିଷ୍କୃତ ହୋଇଥିବା ଏକ ଧୂମକେତୁ ଏହାର କକ୍ଷପଥର ଗଣନା ଦର୍ଶାଇଲା ଯେ ଏହା, ଏନ୍ କେ ପରି, ତାହା ଏକ ସ୍ୱଳ୍ପ ସମୟର ଧୂମକେତୁ ଅଟେ; ଏହାର ଅବଧି ପ୍ରାୟ ୬.୭୫ ବର୍ଷ ଥିଲା । ଏହା ଏହି ପର୍ଯ୍ୟାୟର କେବଳ ତୃତୀୟ ଧୂମକେତୁ ଥିଲା । ୧୭୭୨ ମସିହାରେ ଫ୍ରାନ୍ସର ଜ୍ୟୋତିର୍ବିଜ୍ଞାନୀ ଜ୍ୟାକ୍ ଲେବାକ୍ସ ମୋଣ୍ଟେଗେନ୍ ଏବଂ ଚାର୍ଲ୍ସ ମେସିଅର୍ ଏବଂ ୧୮୦୫ ମସିହାରେ ପନ୍ସ ଙ୍କ ଦ୍ୱାରା ଦେଖାଯାଇଥିବା ଏକ ଧୂମକେତୁ ଚିହ୍ନଟ ହୋଇଥିଲା ଏବଂ ୧୮୩୨ ମସିହାରେ ଏହା ପୂର୍ବାନୁମାନ ଅନୁଯାୟୀ ଫେରି ଆସିଥିଲା। ୧୮୩୯ ମସିହାରେ ଏହି ଧୂମକେତୁ ଆକାଶରେ ସୂର୍ଯ୍ୟଙ୍କ ଖୁବ ନିକଟତର ଥିଲା ଏବଂ ଏହାକୁ ଦେଖାଯାଇ ପାରିଲା ନାହିଁ, କିନ୍ତୁ ଏହା ନଭେମ୍ବର ୧୮୪୫ରେ ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ ପୁନର୍ବାର ଦେଖାଗଲା । ଜାନୁୟାରୀ ୧୩, ୧୮୪୬ ରେ, ଆମେରିକୀୟ ଜ୍ୟୋତିର୍ବିଜ୍ଞାନ ମାଥ୍ୟୁ ମାଉରୀ ଜାଣିବାକୁ ପାଇଲେ ଯେ ଆଉ ଗୋଟିଏ ଧୂମକେତୁ ସୂର୍ଯ୍ୟ ଚାରିପାଖରେ ଏହି ଧୂମକେତୁକୁ ଅନୁସରଣ କରୁଥିଲା ଏବଂ ସେମାନେ ଯୋଡି ପରି ଦେଖାଯାଉଥିଲେ। ୧୮୫୨ ମସିହାରେ ଏମାନେ ଏକ ଯୁଗଳ ଭାବରେ ଫେରି ଆସିଥିଲେ କିନ୍ତୁ ପରେ ଆଉ ଦେଖାଗଲା ନାହିଁ । ୧୮୬୫ ଏବଂ ୧୮୭୨ ମସିହାରେ ଧୂମକେତୁ ପାଇଁ ସନ୍ଧାନ ବିଫଳ ହୋଇଥିଲା, କିନ୍ତୁ ୧୮୭୨ ମସିହାରେ ଏକ ଉଜ୍ଜ୍ୱଳ ଉଲକା ପିଣ୍ଡ ସେହି ଦିଗରୁ ଆସିଥିଲା ଯେଉଁଠାରୁ ଧୂମକେତୁ ଦେଖାଯିବା ଉଚିତ୍। ଜ୍ୟୋତିର୍ବିଜ୍ଞାନୀମାନେ ସିଦ୍ଧାନ୍ତ ନେଇଛନ୍ତି ଯେ ଉଲକା ପିଣ୍ଡ ହେଉଛି ବାଧାପ୍ରାପ୍ତ ଧୂମକେତୁର ଆବର୍ଜନା । ତଥାପି, ଧୂମକେତୁ କାହିଁକି ଭାଙ୍ଗିଗଲା ସେନେଇ ପ୍ରଶ୍ନ ଉଠିଥିଲା। ବାରମ୍ବାର ହେଉଥିବା ସେହି ଉଲକା ପାତକୁ ବର୍ତ୍ତମାନ ଆଣ୍ଡ୍ରୋମିଡିଡସ୍ କୁହାଯାଏ, କାରଣ ଆକାଶରେ ନକ୍ଷତ୍ର ପରି ଦେଖାଯାଉଥିବା ଏହି ବସ୍ତୁ ବିକିରଣ କରୁଥିବା ପରି ଜଣାଯାଏ। ଏହାକୁ ବେଳେବେଳେ ବିଲିଡସ୍ ମଧ୍ୟ କୁହାଯାଏ।

୧୮୩୩ ମସିହା ନଭେମ୍ବର ୧୨ ଏବଂ ୧୩ ତାରିଖରେ ଉଲକା ପାତ ଉପରେ ଅଧ୍ୟୟନ ପରେ ଏହାର ଗୁରୁତ୍ୱ ବୃଦ୍ଧି ପାଇଲା, ଯେତେବେଳେ ପର୍ଯ୍ୟବେକ୍ଷକମାନେ ଏକ ଅବିଶ୍ୱସନୀୟ ଉଲକା ପିଣ୍ଡ ଦେଖିଲେ, ଘଣ୍ଟା ପ୍ରତି ଶହ ଶହ ଏବଂ ବୋଧହୁଏ ହଜାରେ ମିଟର ପାତ ହେଉଥିଲା। ସେହି ଉଲକା ପାତ ଲିଓନିଡସ୍ ଥିଲା, ତେଣୁ ଏହାର ଉଜ୍ଜ୍ୱଳ (କିମ୍ବା ଉତ୍ପତ୍ତି) ଲିଓ ନକ୍ଷତ୍ରରେ ଥିଲା। ଏହା ପରାମର୍ଶ ଦିଆଯାଇଥିଲା ଯେ ପୃଥିବୀ ସୌର ପ୍ରଣାଳୀରେ ନିଜର ଯାତ୍ରା କକ୍ଷପଥରେ ବ୍ୟାପିଥିବା ଗ୍ରହ ମାନଙ୍କ ମଧ୍ୟରେ ଆବର୍ଜନାଗୁଡିକର ସମ୍ମୁଖୀନ ହେଉଛି। ପରବର୍ତ୍ତୀ ବିଶ୍ଳେଷଣରୁ ଜଣାପଡିଛି ଯେ ଆବର୍ଜନାଗୁଡ଼ିକର କକ୍ଷପଥ ଅତ୍ୟନ୍ତ ବିଚିତ୍ର ଅଟେ ।

ଆମେରିକୀୟ ଗଣିତଜ୍ଞ ହୁବର୍ଟ ନ୍ୟୁଟନ୍ ୧୮୬୦ ଦଶକରେ ପର୍ଯ୍ୟାୟ କ୍ରମେ ଅନେକ ଗୁଡିଏ ଗବେଷଣା ପତ୍ର ପ୍ରକାଶ କରିଥିଲେ ଯେଉଁଥିରେ ସେ ପ୍ରମୁଖ ଲିଓନିଡ୍ ଉଲକା ପାତର ଐତିହାସିକ ତଥ୍ୟ ଗୁଡିକ ଯାଞ୍ଚ କରିଥିଲେ ଏବଂ ଜାଣିବାକୁ ପାଇଲେ ଯେ ଏହା ପ୍ରାୟ ୩୩ ବର୍ଷରେ ଘଟିଥାଏ। ଏହା ଦର୍ଶାଇଲା ଯେ ଲିଓନିଡ୍ କଣିକାଗୁଡ଼ିକ କକ୍ଷପଥରେ ସମାନ ଭାବରେ ବିସ୍ତାର ହୋଇନଥିଲେ । ନଭେମ୍ବର ୧୮୬୬ ପାଇଁ ସେ ଆଉ ଏକ ପ୍ରମୁଖ ଉଲକା ପାତ ବିଷୟରେ ଭବିଷ୍ୟବାଣୀ କରିଥିଲେ। ପୂର୍ବାନୁମାନ ଅନୁଯାୟୀ, ନଭେମ୍ବର ୧୩, ୧୮୬୬ ରେ ଏକ ବୃହତ୍ ଲିଓନିଡ୍ ଉଲକା ଝଡ଼ ଘଟିଥିଲା। ସେହି ବର୍ଷ ଇଟାଲୀୟ ଜ୍ୟୋତିର୍ବିଜ୍ଞାନୀ ଜିଓଭାନି ସିଆପାରେଲି ପର୍ସିଡ୍ ଉଲକା ପାତ କକ୍ଷପଥକୁ ଗଣନା କରିଥିଲେ, ସାଧାରଣତଃ ପ୍ରତ୍ୟେକ ଅଗଷ୍ଟ ୧୦-୧୨ ରେ ପାଳନ କରାଯାଉଥିଲା। ୧୮୬୨ ମସିହାରେ ଆବିଷ୍କୃତ ସୁଇଫ୍ଟ-ଟଟଲ୍ ଧୂମକେତୁ (୧୦୯ P/ ୧୮୬୨ O୧) ର କକ୍ଷପଥ ସହିତ ୧୮୬୫ ମସିହାରେ ଆବିଷ୍କୃତ ହୋଇଥିବା ଟେମ୍ପେଲ-ଟଟଲ୍ ସହ ଦୃଢ ସମାନତାକୁ ଲକ୍ଷ୍ୟ କରଯାଇଥିଲା । ସେହି ଦିନଠାରୁ ଅନେକ ଉଲକା ସ୍ରୋତର ମୂଳ ଧୂମକେତୁ ଚିହ୍ନଟ କରାଯାଇଛି, ଯଦିଓ କିଛି ଉଲକା ସ୍ରୋତର ମୂଳ ଧୂମକେତୁ ରହସ୍ୟ ହୋଇ ରହିଛି ।

ଏହି ସମୟ ମଧ୍ୟରେ, ଟେଲିସ୍କୋପଗୁଡ଼ିକର ଗୁଣବତ୍ତା ଏବଂ ଆକାରର ଉନ୍ନତି ଏବଂ ଧୂମକେତୁର ନୀରିକ୍ଷଣ ପାଇଁ ପ୍ରଯୁକ୍ତି ବିଦ୍ୟାର ବିକାଶ ଧୂମକେତୁର ଅଧ୍ୟୟନ ପାଇଁ ବହୁ ଲାଭବାନ ହେଲା। ୧୮୫୮ ମସିହାରେ ଇଂରାଜୀ ଚିତ୍ରକାର ୱିଲିୟମ୍ ଉଶର୍ଉଡ୍, ଡୋନାଟି ନାମକ ଏକ ଧୂମକେତୁ (C / ୧୮୫୮ L୧) ର ପ୍ରଥମ ଫଟୋଗ୍ରାଫ୍ ନେଇଥିଲେ, ଏବଂ ପରଦିନ ରାତିରେ ଆମେରିକାର ଜ୍ୟୋତିର୍ବିଜ୍ଞାନୀ ଜର୍ଜ ବଣ୍ଡ୍ ମଧ୍ୟ ସେଇ ଧୂମକେତୁର ଫୋଟୋ ନେଇଥିଲେ। ଆମେରିକାର ଜ୍ୟୋତିର୍ବିଜ୍ଞାନୀ ଏଡୱାର୍ଡ ବର୍ଣ୍ଣାଡ ୧୮୯୨ ମସିହାରେ ଏକ ଛାୟା ପଥ (ମିଲ୍କି ୱେ)ର ଫଟୋଉତ୍ତୋଳନ କରୁଥିବା ସମୟରେ ପ୍ରଥମ ଥର ପାଇଁ ଏକ ଧୂମକେତୁର ଫଟୋନେଇଥିଲେ। ସ୍ୱଳ୍ପ ସମୟର କକ୍ଷପଥରେ ଥିବା ଏହି ଧୂମକେତୁଟି ଡି / ବର୍ଣ୍ଣାଡ ୩ ଭାବରେ ଜଣାଶୁଣା କାରଣ ଏହା ଖୁବ ଶୀଘ୍ର ହଜି ଯାଇଥିଲା, କିନ୍ତୁ ଏହା ୨୦୦୮ ମସିହାରେ ଇଟାଲୀର ଜ୍ୟୋତିର୍ବିଜ୍ଞାନୀ ଆଣ୍ଡ୍ରେଆ ବୋଚିନିଙ୍କ ଦ୍ୱାରା ପୁନର୍ବାର ଦେଖାଯାଇଥିଲା ଏବଂ ବର୍ତ୍ତମାନ ଏହା ଧୂମକେତୁ ବର୍ଣ୍ଣାଡ / ବୋଚିନି (୨୦୬ P / ୨୦୦୮ T୩) ଭାବରେ ଜଣାଶୁଣା ।) ୧୮୬୪ ମସିହାରେ ଇଟାଲୀୟ ଜ୍ୟୋତିର୍ବିଜ୍ଞାନୀ ଜିଓଭାନି ଡୋନାଟି ପ୍ରଥମଥର ପାଇଁ ଏକ ସ୍ପେକ୍ଟ୍ରସ୍କୋପ୍ ମାଧ୍ୟମରେ ଧୂମକେତୁକୁ ଦେଖିଥିଲେ ଏବଂ ସେ ତିନୋଟି ପ୍ରଶସ୍ତ ନିର୍ଗମନ ରେଖା (ବ୍ରଡ୍ ଏମିସନ ବ୍ୟାଣ୍ଡ) ଆବିଷ୍କାର କରିଥିଲେ ଯାହା ବର୍ତ୍ତମାନ ଲମ୍ବା ଚେନ୍ କାର୍ବନ ଅଣୁ ଦ୍ୱାରା ଘଟିଥିବାର ଜଣା ପଡିଛି। ପ୍ରଥମ ସ୍ପେକ୍ଟ୍ରୋଗ୍ରାମ୍ (ଚଳଚ୍ଚିତ୍ରରେ ରେକର୍ଡ ହୋଇଥିବା ଏକ ସ୍ପେକ୍ଟ୍ରମ୍) ଟେବବଟ୍ ଧୂମକେତୁ (C / ୧୮୮୧,K, )ର ଥିଲା, ଯାହା ଜୁନ୍ ୨୪, ୧୮୮୧ ରେ ଇଂରାଜୀ ଜ୍ୟୋତିର୍ବିଜ୍ଞାନ ୱିଲିୟମ୍ ହଗିନ୍ସଙ୍କ ଦ୍ୱାରା ନିଆଯାଇଥିଲା। ସେହି ରାତିରେ ଜଣେ ଆମେରିକୀୟ ଡାକ୍ତର ତଥା ଅଳ୍ପ ଦକ୍ଷତା ଥିବା ସୌଖୀନ ଜ୍ୟୋତିର୍ବିଜ୍ଞାନୀ ହେନେରୀ ଡ୍ରାପର୍ ସମାନ ଧୂମକେତୁର ସ୍ପେକ୍ଟ୍ରା ନେଇଥିଲେ। ପରେ ଉଭୟ ବ୍ୟକ୍ତି ବୃତ୍ତିଗତ ଜ୍ୟୋତିର୍ବିଜ୍ଞାନ ରୂପେ ପରିଚିତ ହେଲେ।

ହେଲୀଙ୍କ ଧୂମକେତୁ , ମେ ୮, ୧୯୧୦ : ୧୯୧୦ ମସିହାରେ ହେଲୀଙ୍କ ଧୂମକେତୁ ଦେଖାଯିବାର କିଛି ବର୍ଷ ପୂର୍ବରୁ, ଧୂମକେତୁ ସ୍ପେକ୍ଟ୍ରାରେ ସିଆନୋଜେନନାମକ ଏକ ପରମାଣୁ କୁ ଚିହ୍ନଟ କରାଯାଇଥିଲା । ସିଆନୋଜେନ୍ ହେଉଛି ଏକ ବିଷାକ୍ତ ଗ୍ୟାସ୍ ଯାହା ହାଇଡ୍ରୋଜେନ୍ ସିଆନାଇଡ୍ (HCN) ରୁ ଉତ୍ପନ୍ନ, ଏକ ଜଣାଶୁଣା ମାରାତ୍ମକ ବିଷ । ୧୯୧୦ ମସିହାରେ ସେହି ଧୂମକେତୁ ସୂର୍ଯ୍ୟଙ୍କ ନିକଟକୁ ଆସିବା ପରେ ଏହା ହେଲୀଙ୍କ ଧୂମକେତୁ ଙ୍କ ନାମରେ ଚିହ୍ନଟ ହୋଇଥିଲା। ଲୋକମାନେ ଭୟଭୀତ ହୋଇ "ଧୂମକେତୁ ବଟିକା" କିଣିଲେ । ମାତ୍ର ଯେତେବେଳେ ମେ ୧୮-୧୯, ୧୯୧୦ ରାତ୍ରିରେ ଧୂମକେତୁ କେବଳ ୦.୧୫AUଅତିକ୍ରମ କଲା, ସେଠାରେ କୌଣସି ଦେଖା ଯିବା ପରି ପ୍ରଭାବ ପଡ଼ିଲା ନାହିଁ ।

ଆର ଥରକୁ ଆଧୁନିକ ଯୁଗରେ ଧୂମକେତୁ ଅଧ୍ୟୟନ ବିଷୟରେ ଅଧିକ ତଥ୍ୟ ଜାଣିବା।

# ସଂରକ୍ଷଣ ସିଟ୍ କୁଆଡେ ଯାଉଛି ?



ଅଧ୍ୟାପକ ଗୋପବନ୍ଧୁ
(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୁରଭଞ୍ଜ,
ମୋ. ୭୦୦୮୯୭୬୧୮୦

ସାମ୍ବିଧାନିକ ବର୍ଗଙ୍କ ସଂରକ୍ଷଣ ଏକ ସାମ୍ବିଧାନିକ ବ୍ୟବସ୍ଥା। ସମ୍ବିଧାନ ପ୍ରଣୟନ ସଭା ବହୁ ତଥ୍ୟଭିତ୍ତିକ ତର୍ଜମା ଓ ଦୀର୍ଘ ଆଲୋଚନା ପରେ ଅନୁସୂଚିତ ଜାତି(ଏସସି) ଓ ଜନଜାତି(ଏସଟି) ପାଇଁ ରାଜନୀତି, ଚାକିରି ଓ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥାକୁ ସମ୍ବିଧାନରେ ସ୍ଥାନିତ କରିଥିଲା। ସେହିପରି ସ୍ୱାଧୀନତା ପରେ ସଂସଦ ଦ୍ୱାରା ନିଯୋଜିତ ମଣ୍ଡଳ କମିଶନଙ୍କ ପ୍ରସ୍ତୁତ ଏବଂ ସଂସଦରେ ସଂଖ୍ୟାଧିକ ସଦସ୍ୟଙ୍କ ସମର୍ଥନରେ ଅନୁମୋଦିତ ପ୍ରସ୍ତାବ ରାଷ୍ଟ୍ରପତିଙ୍କ ମୋହର ବାଜି ଅନ୍ୟାନ୍ୟ ପଛୁଆବର୍ଗ ବା ଓବିସିଙ୍କ ପାଇଁ ସଂରକ୍ଷଣ ନିୟମରେ ପରିଣତ ହୋଇଛି। ଏସଟି ଓ ଏସସିଙ୍କ ପାଇଁ ତାଙ୍କ ସଂଖ୍ୟା ଅନୁପାତରେ ସଂରକ୍ଷଣ ଦେବାର ବ୍ୟବସ୍ଥା ରହିଛି। ତେଣୁ ଏମାନେ ଅନ୍ୟ କାହାର ଭାଗ ନେଇଯାଉଛନ୍ତି କହିବା ଅମୂଳକ। ସେହିପରି ମଣ୍ଡଳ କମିଶନଙ୍କ ସୁପାରିଶ ମୁତାବକ ଓବିସିମାନେ ଚାକିରି ଓ ଶିକ୍ଷା କ୍ଷେତ୍ରରେ ୨୭% ସଂରକ୍ଷଣ ପାଇବାକୁ ହକଦାର। ଯଦିଓ ୧୯୩୧ ମସିହାର ଜାତିଭିତ୍ତିକ ଜନଗଣନା ଅନୁଯାୟୀ ଦେଶରେ ଓବିସିଙ୍କ ସଂଖ୍ୟା ୫୨% ଓ ଓଡ଼ିଶାରେ ସାମାନ୍ୟ ଅଧିକ ତାହା ୫୪%। ଏବେ ଓଡ଼ିଶାରେ ଯେଉଁ ଏସଇବିସିଙ୍କ ସର୍ଭେ ହୋଇଛି ସେଥିରେ ସଂଖ୍ୟା ଆହୁରି ଅଧିକ ହେବା କଥା, କାରଣ କେନ୍ଦ୍ରର ଓବିସି ତାଲିକା ସହିତ ଆଉ କିଛି ଜାତିକୁ ମିଶାଇ ରାଜ୍ୟରେ ଏସଇବିସି ତାଲିକା ପ୍ରସ୍ତୁତ କରାଯାଇଛି। ଓବିସିମାନେ ତାଙ୍କ ସଂଖ୍ୟାଠାରୁ ବହୁତ କମ ସଂରକ୍ଷଣ ସୁବିଧା ପାଉଛନ୍ତି। ୫୨% ଓବିସି/ ଏସଇବିସିଙ୍କୁ ୨୭% ସଂରକ୍ଷଣ, ପୁଣି ଚାକିରି ଓ ଶିକ୍ଷାରେ। ରାଜନୀତି କ୍ଷେତ୍ରରେ ଏମାନଙ୍କ ସଂରକ୍ଷଣ ନାହିଁ। ଯାହାବି ପଞ୍ଚାୟତ ଓ ପୌର ନିର୍ବାଚନରେ ଥିଲା ତାହାର ଉଚ୍ଛେଦ ହୋଇଛି। ସଂରକ୍ଷଣକୁ ନେଇ ଯେଉଁସବୁ ସାମ୍ବିଧାନିକ ନିୟମ ତିଆରି ହୋଇଛି ସେଗୁଡିକୁ ଅକ୍ଷରେ ଅକ୍ଷରେ ପାଳନ କରିବା ସାମ୍ବିଧାନିକ ବିଧି। ଉଲଂଘନ ଅର୍ଥ ସମ୍ବିଧାନର ଅବମାନନା।

ଓଡ଼ିଶାରେ ସଂରକ୍ଷଣ ବ୍ୟବସ୍ଥାର କାର୍ଯ୍ୟକାରିତା କ୍ଷେତ୍ରରେ ନାନା ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଅନୁସୂଚିତ ଜାତି ଓ ଜନଜାତିମାନଙ୍କୁ ଶିକ୍ଷା କ୍ଷେତ୍ରରେ ମାତ୍ର ୨୦% ସଂରକ୍ଷଣ ଦିଆଯାଉଛି, ଯଥାକ୍ରମେ ୮% ଓ ୧୨%। ତାଙ୍କୁ ତାଙ୍କ ସଂଖ୍ୟା ଅନୁପାତରେ ୩୮.୭୫% ମିଳିବା କଥା। ଯଦିଓ ତାଙ୍କ ସଂଖ୍ୟା ୨୦୧୧ ମସିହା ଜନଗଣନା ଅନୁଯାୟୀ ପାଖାପାଖି ୪୦% ହୋଇଯାଇଛି। ଏହା ଏବେ ଆହୁରି ଅଧିକ ହେବା ନିଶ୍ଚିତ। ଶିକ୍ଷା କ୍ଷେତ୍ରରେ ଏମାନଙ୍କୁ ସଂରକ୍ଷଣ ୩୮.୭୫% ପ୍ରଦାନ ପାଇଁ ୨୦୧୪ ମସିହାରେ ବିଜେଡି ସରକାର ଘୋଷଣା କରିଥିଲେ। ଏବାବଦକୁ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଥିଲା, କିନ୍ତୁ ପ୍ରଶାସନିକ ପେଞ୍ଚରେ ଏହା ଏବେବି ଫାଇଲ ଭିତରେ ବନ୍ଧା ହୋଇ ପଡିରହିଛି। ଏଦିଗରେ ସରକାରତ ନିଷ୍କ୍ରିୟ, ଏହା ସହିତ ଏସଟି ଓ ଏସସି ଲୋକ ପ୍ରତିନିଧିମାନେ ମଧ୍ୟ ମୌନ। ନିଜ ଲୋକମାନଙ୍କ ସାମ୍ବିଧାନିକ ଅଧିକାରର ସୁରକ୍ଷା ପାଇଁ ଏମାନେ ରାଜନୈତିକ ସଂରକ୍ଷଣ ଉପଭୋଗ କରୁଛନ୍ତି, କିନ୍ତୁ ଦୁଃଖର କଥା ଏଦିଗରେ ତାଙ୍କ କ୍ଷୋଭ ଓ ପ୍ରତିକ୍ରିୟା ନାହିଁ। ଏମାନେ ସଂରକ୍ଷଣ ହାର କମ୍ ପାଇବା ଦ୍ୱାରା ଗତବର୍ଷ ପ୍ରାୟ ୪୦୦ ଏମବିବିଏସ ଆଡମିଶନ ଆସନ ହରାଇଛନ୍ତି। ବିଗତ ଦଶ ବର୍ଷରେ ପ୍ରାୟ ୨୦୦୦ ରୁ ଅଧିକ ଆସନ ହରାଇଛନ୍ତି। ସେହିପରି ଅନ୍ୟାନ୍ୟ ବୈଷୟିକ ଓ କାରିଗରୀ ଶିକ୍ଷାନୁଷ୍ଠାନ ସମେତ ସାଧାରଣ ଉଚ୍ଚଶିକ୍ଷା କ୍ଷେତ୍ରରେ କେତେ ଆସନ ଏଯାଏଁ ହରାଉଛନ୍ତି ତାହାର ହିସାବ ହେବା ଉଚିତ।

ରାଜ୍ୟରେ ଓବିସି/ଏସଇବିସିଙ୍କ ଅବସ୍ଥା ଆହୁରି ସଙ୍ଗୀନ। ଏମାନଙ୍କୁ ଦିଆଯାଉଥିବା ସଂରକ୍ଷଣ ଖୁବ୍‌କମ୍। ରାଜ୍ୟରେ ଏମାନଙ୍କ ସଂଖ୍ୟା ପ୍ରାୟ ଶତକଡା ୫୪ ଭାଗ, କିନ୍ତୁ ସଂରକ୍ଷଣ ସୁବିଧା ମିଳୁଛି କେବଳ ଚାକିରି କ୍ଷେତ୍ରରେ ମାତ୍ର ୧୧.୨୫%। ଶିକ୍ଷା କ୍ଷେତ୍ରରେ କାହିଁକି ଏ ସୁବିଧା ରାଜ୍ୟ ସରକାର ଦେଇନାହାଁନ୍ତି ତାହାର ତର୍ଜମା ହେବା ଉଚିତ୍। ମଣ୍ଡଳ କମିଶନଙ୍କ ସୁପାରିଶ ମୁତାବକ ଏମାନେ ଶତକଡା ୨୭% ସଂରକ୍ଷଣ ଚାକିରି ଓ ଶିକ୍ଷା କ୍ଷେତ୍ରରେ ପାଇବାକୁ ହକଦାର, ତାହା ଦେବା ପାଇଁ ସରକାର କାହିଁକି ପଦକ୍ଷେପ ନେଉନାହାଁନ୍ତି ତାହା ଅନ୍ୟ ଏକ ନମୁନା ଓବିସିମାନଙ୍କ ପ୍ରତି ଉଦାସୀନ ଭାବର। ରାଜ୍ୟରେ ଚାକିରି କ୍ଷେତ୍ରରେ ଏମାନଙ୍କୁ ୨୭% ସଂରକ୍ଷଣ ସୁବିଧା ନଦେଇ ମାତ୍ର ୧୧.୨୫% ସଂରକ୍ଷଣ ଦେବା ଯୋଗୁଁ ବିଗତ ୧୫ ବର୍ଷରେ ଅଦ୍ୟାବଧି ଏମାନେ ପ୍ରାୟ ପାଞ୍ଚ ଲକ୍ଷ ଚାକିରି ପାଇବାରୁ ବଞ୍ଚିତ ହୋଇଛନ୍ତି। ଉଚ୍ଚ ଶିକ୍ଷାନୁଷ୍ଠାନ ମାନଙ୍କରେ ସଂରକ୍ଷଣ ୨୦୦୫ରୁ ଲାଗୁ ହୋଇଛି। ଶିକ୍ଷା କ୍ଷେତ୍ରରେ ଏମାନଙ୍କ ପାଇଁ କୌଣସି ସଂରକ୍ଷଣ ନଥିବା ଯୋଗୁଁ ଏମାନେ ଅଦ୍ୟାବଧି ପ୍ରାୟ ଚାରି ହାଜର ଏମବିବିଏସ ଆସନ ହରାଇଛନ୍ତି। ଗତବର୍ଷ ପ୍ରାୟ ୭୦୦ ଆସନ ହରାଇଛନ୍ତି ।ସେହିପରି ଅନ୍ୟାନ୍ୟ ବୈଷୟିକ ଓ କାରିଗରୀ ତଥା ସାଧାରଣ ଶିକ୍ଷାନୁଷ୍ଠାନରେ କେତେ ଆସନ ଏମାନେ ହରାଇଛନ୍ତି ତାହାର ହିସାବ କରାଯାଇ ପାରେ। ଏହି ବର୍ଗର ଅନେକ ଲୋକ ପ୍ରତିନିଧି ବିଧାନସଭା ଓ ଲୋକସଭା ତଥା ସରକାରରେ ଅଛନ୍ତି, ସେମାନେ ବି ଏଦିଗରେ ନୀରବ। ଯେତେବେଳେ ସରକାର ନୀରବ, ବିରୋଧି ଦଳ ନୀରବ, ଲୋକ ପ୍ରତିନିଧିମାନେ ନୀରବ ଓ ବୁଦ୍ଧିଜୀବୀ ବର୍ଗ ମଧ୍ୟ ନୀରବ ସେ ସମୟରେ ସାଧାରଣ ଜନତା ଅଧିକାର ଦାବୀରେ ରାସ୍ତାକୁ ଓହ୍ଲାଇବା ସ୍ୱାଭାବିକ। ରାଜ୍ୟରେ ତାହାର ପୂର୍ବାଭାସ ମିଳିବା ଆରମ୍ଭ ହେଲାଣି। ବିକ୍ଷିପ୍ତ ଓ ଅସନ୍ତୁଷ୍ଟ ଜନତା କ୍ରମେ ତାଙ୍କ ସ୍ୱରକୁ ଅଧିକ ଶାଣିତ କରୁଛନ୍ତି। ସଙ୍ଗଠିତ ମଧ୍ୟ ହେଉଛନ୍ତି। ଆଗାମୀ ଦିନରେ ଏହା ଏକ ଭୀଷଣ ଆନ୍ଦୋଳନକୁ ଜନ୍ମ ଦେଇପାରେ। ଯାହା ସମ୍ବିଧାନ ଦ୍ୱାରା ସ୍ୱୀକୃତି ଲାଭ କରିଛି, ତାହାର ଉଲ୍ଲଂଘନ ଅର୍ଥ ସମ୍ବିଧାନକୁ ଅବମାନନା। ଏହା ଆଦୌ ସମୀଚୀନ ନୁହେଁ। ଅନ୍ୟ ରାଜ୍ୟମାନେ ସାମ୍ବିଧାନିକ ନୀତିନିୟମ ମଧ୍ୟରେ ସଂରକ୍ଷଣ ସୁବିଧା ପ୍ରଦାନ କରୁଥିବା ବେଳେ, ଓଡ଼ିଶାରେ ଏହାର ବ୍ୟତିକ୍ରମ ସାଧାରଣ ଜନତାଙ୍କ ପାଇଁ ଅସନ୍ତୋଷର କାରଣ। ଜନତା ଜାଗିବା ପୂର୍ବରୁ ଏ ଅସଙ୍ଗତିକୁ ହଟାଇବା ଯୁକ୍ତିସଙ୍ଗତ ହେବ। ସ୍ୱତନ୍ତ୍ର ନିଯୁକ୍ତି ମାଧ୍ୟମରେ ଓବିସିମାନେ ହରାଇଥିବା ଚାକିରିକୁ ପୂରଣ କରିବା ଏବଂ ଶିକ୍ଷା କ୍ଷେତ୍ରରେ ସମସ୍ତ ସଂରକ୍ଷିତ ବର୍ଗ ହରାଇଥିବା ଆସନକୁ ବର୍ଦ୍ଧିତ ହାରରେ ପ୍ରଦାନ କରି କ୍ଷତିକୁ ଭରଣା କରିବାକୁ ଚେଷ୍ଟା କଲେ ସାଧାରଣ ଜନତାଙ୍କ ଅସନ୍ତୋଷକୁ ପ୍ରଶମିତ କରାଯାଇ ପାରିବ।

# ପୁଣି ତେଜିଲା କୃଷକ ଆନ୍ଦୋଳନ



କାଳି ଦାସ
ବ୍ରହ୍ମପୁର, ଖୋଡ଼ାସିଙ୍ଗ
କଳିଙ୍ଗନଗର,
ମୋ-୭୨୦୫୧୦୦୮୩୯

ଭାରତ ଗୋଟିଏ କୃଷି ପ୍ରଧାନ ଦେଶ ।ଜାମ୍ମୁ ଓ କାଶ୍ମୀର ଠାରୁ କନ୍ୟା କୁମାରୀ ଯାଏଁ ସବୁ ସ୍ଥାନରେ କୃଷି ଓ କୃଷକଙ୍କ ଉତ୍ପାଦନକୁ ଆଧାର କରି ଆମେ ଆଗକୁ ବଢିଛୁ। କୃଷି ଓ କୃଷକ ଜନିତ ଆମଦାନୀକୁ ଆଧାର କରି ଆମର ପର୍ବପର୍ବାଣି। ଆଜି ଭାରତର କୃଷକ ନିଜର ପ୍ରାପ୍ୟ ବା ହକ ପାଇଁ ଆନ୍ଦୋଳନ କରିବା ପାଇଁ ଆଗଭର ହୋଇଛି।

କୃଷକ ହେଲା ଅନ୍ନଦାତା।ଆମର ଖାଇବା ଥାଳିରେ କେତେ କୃଷକଙ୍କ ଝାଳ ବୁହା ପରିଶ୍ରମର ଗାଥା ଲେଖା ଯାଇଛି କିଏ ଜାଣେ ? କୃଷକ ତା'ର ପରିଶ୍ରମର ପ୍ରକୃତ ପାରିଶ୍ରମିକ ପାଇ ପାରୁନାହିଁ। କୃଷକର ହତାଶା ବା କ୍ଷୟ କ୍ଷତିକୁ ନେଇ ଅନେକ କାହାଣୀ ଗଳ୍ପ ଓ ଉପନ୍ୟାସ ରଚନା କରାଯାଇଛି।

ପ୍ରେମଚାନ୍ଦଙ୍କ ଦ୍ୱାରା ରଚିତ "ପୁଷ କି ରାତ"ଏମିତି ଏକ କୃଷକର କାହାଣୀ। କୃଷିରେ ହେଉଥିବା କ୍ଷୟ କ୍ଷତିକୁ ପୂରଣ କରି ନପାରି କୃଷକ ଶ୍ରମିକ ହେବାପାଇଁ ବାଧ୍ୟ ହୋଇଛି। ଆମେ ପ୍ରତିବର୍ଷ ଦେଖୁଛୁ ଅନେକ କୃଷକ କୃଷିରେ ହୋଇଥିବା କ୍ଷତି ପାଇଁ ଆତ୍ମହତ୍ୟା କରୁଛନ୍ତି। ଚାଷୀ ଅକ୍ଳାନ୍ତ ପରିଶ୍ରମ କରି ଯେଉଁ ଫସଲ ଲଗାଇଥାଏ ତାହା ଯଦି ନଷ୍ଟ ହୁଏ ତାହେଲେ ତାକୁ ପୂରା କରିବା ପାଇଁ ଚାଷୀ ପାଖରେ ଅନ୍ୟ କୌଣସି ବିକଳ୍ପ ରହି ନଥାଏ। ଅନେକ ସମୟରେ ଚାଷୀ ଋଣ କରି ଫସଲ ଲଗାଇଥାଏ। ଋଣ ଶୁଝିବା ପାଇଁ ଚାଷୀ ପାଖରେ ସମର୍ଥ ନଥାଏ ।ତେଣୁ ବାଧ୍ୟ ହୋଇ କୃଷକ ଆତ୍ମହତ୍ୟା କରେ।

ଆମର ପୂର୍ବତ୍ତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀ କହିଥିଲେ"ଜୟ ଜବାନ ଜୟ କିଶାନ'' ଦେଶର ସୀମନ୍ତରେ ଠିଆ ହୋଇ ନିଜ ପ୍ରାଣବଳି ଦେଇ ଦେଶକୁ ସୁରକ୍ଷା ଦିଏ ଜବାନ, ଦେଶର ଅଗଣିତ ଜନତାଙ୍କ ପେଟକୁ ପୁରା କରେ କିଶାନ। ଜବାନରର ଯୁଦ୍ଧ ଦେଶର ଶତ୍ରୁ ସହିତ, କିଶାନର ଯୁଦ୍ଧ କ୍ଷୁଧା ସହିତ।

ଆଜିର କୃଷକ ସରକାରଙ୍କ ନୀତିକୁ ନେଇ ଚିନ୍ତିତ। ବ୍ରିଟିଶ ସରକାର ଯେତେବେଳେ ଚାଷୀଙ୍କୁ "କେସକ୍ରପ'' ବା ଯାହା ବିକିଲେ ପଇସା ମିଳିବ ସେ ପ୍ରକାର ଫସଲ ଉତ୍ପାଦନ କରିବାକୁ ବାଧ୍ୟ କରୁଥିଲେ ସେତେବେଳେ ଖାଦ୍ୟ ଦ୍ରବ୍ୟ ଉତ୍ପାଦନ ହେଉନଥିଲା। ଏହାଦ୍ୱାରା ଦେଶରେ ଖାଦ୍ୟ ଅଭାବ ପଡୁଥିଲା। ଆମ ଦେଶରେ କୃଷକ ମାନେ ସବୁବେଳେ ବିଭିନ୍ନ ସମସ୍ୟାର ସମ୍ମୁଖିନ ହେଉଛନ୍ତି ଯେମିତି କି ଅନିୟମିତ ବର୍ଷା, ଫସଲ ନଷ୍ଟ, ମରୁଡି ଇତ୍ୟାଦି। ଜଳବାୟୁର ପରିବର୍ତ୍ତନ ଓ ଋତୁ ଚକ୍ରର ପରିବର୍ତ୍ତନ ନୂଆ ନୂଆ ସାମସ୍ୟାକୁ ଜନ୍ମ ଦେଉଛି। କୃଷକ ମାନେ ବର୍ଷ ବର୍ଷ ଧରି ନିଜ ଚାଷ ଜମିରେ କାମ କରି ନିଜ ପରିବାରର ଭରଣ ପୋଷଣ କରୁଛନ୍ତି କିନ୍ତୁ ଦୁଃଖର ବିଷୟ ହେଲା ଯେ କୃଷକ ମାନଙ୍କୁ ସେମାନଙ୍କୁ ନିଜ ଆମଦାନୀ ବା ଉତ୍ପାଦନର ମାତ୍ର ୨୦% ମିଳୁଛି ଯେତେବେଳେ ବ୍ୟବସାୟୀଙ୍କୁ ଚାଷୀର ଉତ୍ପାଦନର ୮୦% ମିଳୁଛି । ୨୦୨୦ ରେ କେନ୍ଦ୍ର ସରକାରଙ୍କ ତରଫ ରୁ ତିନୋଟି କୃଷି ଆଇନ ଅଣାଯାଇଥିଲା। ସେହି ଆଇନକୁ ପ୍ରତିହାର କରିବା ପାଇଁ ଭାରତର ରାଜଧାନୀ ନୂଆ ଦିଲ୍ଲୀରେ ବିଭିନ୍ନ ରାଜ୍ୟରୁ କୃଷକ ମାନେ ଆସି ଆନ୍ଦୋଳନ କରିଥିଲେ। କୃଷକ ଆନ୍ଦୋଳନ ସମର୍ଥନରେ ବହୁ ରାଜନୈତିକ ଦଳ ଆସିଥିଲେ।

କୃଷକ ଆନ୍ଦୋଳନ ଚାଲି ଥିବା ସମୟରେ ଅନେକ କୃଷକଙ୍କ ଉପରେ ଦିଲ୍ଲୀ ପୋଲିସ କର୍ମୀଙ୍କ ଦ୍ୱାରା ଟିୟର ଗ୍ୟାସ ଛଡ଼ାଯାଇଥିଲା ଏବଂ କୃଷକଙ୍କୁ ଗିରଫ ମଧ୍ୟ କରାଯାଇଥିଲା।କୃଷକଙ୍କ ଆନ୍ଦୋଳନ ବର୍ଷ ବର୍ଷ ଧରି ଚାଲିଥିଲା। ସରକାରଙ୍କ ଉପରେ ଚାପ ପଡିଥିଲା ଏବଂ ତିନୋଟି ବେଆଇନ କୃଷି ଆଇନକୁ ସରକାରଙ୍କୁ ପ୍ରତ୍ୟାହାର କରିବାକୁ ପଡିଥିଲା।କୃଷକଙ୍କ ଦାବି ମଧ୍ୟ ସରକାରଙ୍କୁ ମାନିବାକୁ ପଡିଥିଲା ଗିରଫ ହୋଇଥିବା କୃଷକଙ୍କୁ ସରକାରଙ୍କୁ ଛାଡିବାକୁ ପଡିଥିଲା। ସରକାର କୃଷକଙ୍କ ଦାବି ମାନିବା ପରେ କୃଷକ ମାନେ ଆନ୍ଦୋଳନରୁ ଓହରି ଯାଇଥିଲେ। କୃଷକଙ୍କ ଅନେକ ଦାବୀ ରହିଛି ଯାହାକୁ ସେମାନେ ସରକାରଙ୍କ ଆଗରେ ଉପସ୍ଥାପନା କରିଛନ୍ତି।

କିଶାନ ୟୁନିଅନ ଓ ସରକାରଙ୍କ ଭିତରେ ଦୁଇ ରାଉଣ୍ଡ କଥା ବାର୍ତ୍ତା ହେଲା ପରେ ମଧ୍ୟ କୌଣସି ସିଦ୍ଧାନ୍ତରେ ସେମାନେ ପହଞ୍ଚି ପାରି ନାହାନ୍ତି। କୃଷକଙ୍କ (ଏମଏସପି )ଦାବୀ ନାର୍ଯ୍ୟ ଥିଲେ ମଧ୍ୟ ସରକାର ସେଥିପାଇଁ କମିଟି ଗଠନ କରିବା ପାଇଁ ଚାହିଁଛନ୍ତି।

(ଏମଏସପି) ବା ସର୍ବନିମ୍ନ ସମର୍ଥନ ମୂଲ୍ୟ ସମସ୍ତ ଫସଲ ପାଇଁ ଯଦି ସରକାର କିଣୁଛନ୍ତି ତାହେଲେ ଅନେକ ଚାଷୀ ଯେଉଁମାନେ ପରିବା ବା ଫଳ ଚାଷ କରୁଛନ୍ତି ମଧ୍ୟ ଏହା ଦ୍ୱାରା ଲାଭବାନ ହେବେ।

ଆମେ ଦେଖୁଛୁ ଟମାଟ ଆଦାୟ କରି ଚାଷୀ ନିଜ ଜମିରେ ନଷ୍ଟ କରିବା କାରଣ ଚାଷୀଠାରୁ ବ୍ୟବସାୟୀ କେବଳ ଦୁଇଟଙ୍କା ମୂଲ୍ୟ ରେ ଟମାଟ କିଣୁଛନ୍ତି ତା ସହିତ ସହରକୁ ନେଇ ବିକ୍ରୀ କରିବା ପାଇଁ ଗାଡି ଭଡା ଚାଷୀଙ୍କୁ ଅଧିକ ଦେବାକୁ ପଡୁଛି । ଏ ଭିତରେ ଖାଉଟି ଚଢା ଦରରେ ଟମାଟ ବଜାରରୁ କିଣୁଛନ୍ତି।

ଜମି ଅଧିଗ୍ରହଣ ମଧ୍ୟ ଏକ ସମସ୍ୟା। ଚାଷୀର ଭୟ ରହିଛି ଯେ ସରକାର ଆଗକୁ ନୂଆ ନିୟମ କରି ଚାଷ ଜମିକୁ ବଡ ବଡ ଶିଳ୍ପପତିଙ୍କୁ ହାତକୁ ଟେକି ଦେବେ ଏବଂ ଚାଷୀ କେବଳ ବେତନଭୋଗୀ ଏକ କର୍ମଚାରୀ ହୋଇ ରହିଯିବ। ଏହି ସମସ୍ତ ସମସ୍ୟା କୁ ଆଖି ଆଗରେ ରଖି ଚାଷୀମାନେ ସ୍ୱାମୀନାଥନ କମିଟିର ସୁପାରିସ କୁ ଲାଗୁ କରିବା ପାଇଁ ସରକାରଙ୍କ ଠାରେ ଦାବୀ କରୁଛନ୍ତି।

୨୦୨୪ ହେଲା ନିର୍ବାଚନ ବର୍ଷ ତେଣୁ ନିର୍ବାଚନ ହେବା ପୂର୍ବ ରୁ କୃଷକ ମାନେ ପୁଣି ଥରେ ଆନ୍ଦୋଳନ କୁ ଓହ୍ଲାଇବାକୁ ବାଧ୍ୟ ହୋଇଛନ୍ତି। ବିଭିନ୍ନ ରାଜ୍ୟରୁ କୃଷକମାନେ ଆସି ଆନ୍ଦୋଳନରେ ଯୋଗ ଦେଇଛନ୍ତି। ସେହି ରାଜ୍ୟ ଗୁଡିକ ହେଲା ପଞ୍ଜାବ, ହାରିୟାଣା ଏବଂ ଉତ୍ତର ପ୍ରଦେଶ। କୃଷକମାନଙ୍କୁ ଦିଲ୍ଲୀ ପ୍ରବେଶ ନ କରାଇବା ପାଇଁ ଦିଲ୍ଲୀ ପୋଲିସ ଏକସନ ମୋଡକୁ ଆସିଥିଲେ। କୃଷକଙ୍କ ମୁଖ୍ୟ ଦାବି ହେଲା ସର୍ବନିମ୍ନ ସାହାଯତା ସମର୍ଥନ, ଚାଷୀ ଋଣ ଛାଡ ଏବଂ ୬୦ ବର୍ଷରୁ ଉର୍ଦ୍ଧ୍ୱ କୃଷକ ଓ କୃଷି ଶ୍ରମିକଙ୍କୁ ମାସିକ ପେନସନ ୫୦୦୦ ଟଙ୍କା। କୃଷିରେ ବ୍ୟବହାର ହାଉଥିବା ବିଦ୍ୟୁତର ଦର କମ କରାଯାଉ ଏବଂ କୃଷି କାର୍ଯ୍ୟରେ ବ୍ୟବହାର ହେଉଥିବା ପିଡିଆ ବା ଫର୍ଟିଲାଇଜରର ଦର କମ କରାଯାଉ। କୃଷକଙ୍କ ଆନ୍ଦୋଳନରେ ଅନେକ ରାଜନୈତିକ ଦଳ ଯୋଗଦେଇଥିଲେ, ସେହି ରାଜନୈତିକ ଦଳ ଗୁଡିକ ହେଲେ କଂଗ୍ରେସ, ଆମ ଆଦମୀ ପାର୍ଟି, ଫର୍ୱାର୍ଡ ବ୍ଲକ ସିପିଆଇ ଏବଂ କୃଷକ ସଂଗଠନ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : **ଜୟାଶୀଷ ରାୟ**

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୭ ଫେବୃୟାରୀ ୨୦୨୪ ମଙ୍ଗଳବାର



# କଟକ ଜିଲ୍ଲାରେ ସଡ଼କ ଦୁର୍ଘଟଣା ହ୍ରାସ ନିମନ୍ତେ ଗୁରୁତ୍ୱ

**କଟକ, ନ୍ୟୁଜ୍ ବ୍ୟୁରୋ**




ଜିଲ୍ଲାର ବିଭିନ୍ନ ସ୍ଥାନରେ ସଡ଼କ ଦୁର୍ଘଟଣା ରୋକିବା ପାଇଁ ଡିଭାଇଡର ସ୍ଥାପନ, ଜେବ୍ରା କ୍ରସିଂ ନିର୍ମାଣ, ଆଲୋକ ବ୍ୟବସ୍ଥା ଉପଲବ୍ଧ କରାଇବା, ବେଆଇନ୍ ପାର୍କିଂ, ସଡ଼କ ପାର୍ଶ୍ୱରେ ବେଆଇନ୍ ଉଚ୍ଛେଦ ଓ ସମ୍ବେଦନଶୀଳ ସ୍ଥାନ ମାନଙ୍କରେ ବୁଲାବିକାଳି ମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବା ତଥା ସବୁବର୍ଗର ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦେବାକୁ ଜାତୀୟ ସଡ଼କ ସୁରକ୍ଷା ମାସ ଉପଲକ୍ଷେ କଟକ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଅଧ୍ୟକ୍ଷତାରେ କଟକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଆୟୋଜିତ ସମ୍ପୃକ୍ତ ସମସ୍ତ ଭାଗିଦାରଙ୍କ ସମ୍ମିଳନୀରେ ମତପ୍ରକାଶ ପାଇଛି । ଅତିରିକ୍ତ ପୁଲିସ୍ ମହାନିର୍ଦ୍ଦେଶକ ତଥା ପରିବହନ କମିଶନର ଅମିତାଭ ଠାକୁର ରାଜ୍ୟରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ତୁଳନାତ୍ମକ ଭାବେ ହ୍ରାସ ପାଇଥିବା ବେଳେ ଏହାକୁ ଶୂନ୍ୟ ସଂଖ୍ୟାରେ ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ । ଅତିରିକ୍ତ ଶାସନ ସଚିବ, ପରିବହନ ବିଭାଗ, ବିଧାନ ଚନ୍ଦ୍ର ରାୟ ବୈଠକରେ ଯୋଗଦେଇ ସଡ଼କ ସୁରକ୍ଷା ସମ୍ବନ୍ଧିତ ନିୟମ ପାଳନ କରି ଦୁର୍ଘଟଣା ହ୍ରାସ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ବିନୀତ ଭରଦ୍ୱାଜ ସଡ଼କ ସୁରକ୍ଷା ସମ୍ବନ୍ଧିତ ସଚେତନତା କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବାକୁ ପରାମର୍ଶ ଦେଇଥିଲେ । ଗାଡିଚାଳନା ସମୟରେ ହେଲ୍ମେଟ୍ ବ୍ୟବହାର, ସିଟ୍ ବେଲ୍ଟ ପରିଧାନ ସମେତ ଯାନ ଚାଳନା ମୋବାଇଲ ଫୋନ୍‌ରେ ବାର୍ତ୍ତାଳାପ ନକରିବା, ମଦ୍ୟପାନ କରି ଗାଡି ଚାଳନାରୁ ନିବୃତ ରହିବା, ଦ୍ରୁତ ଗତିରେ ଗାଡି ନ ଚଲାଇବା ଆଦି ବାର୍ତ୍ତା ପ୍ରତିଟି ଲୋକଙ୍କ ନିକଟରେ ପହଞ୍ଚାଇବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଦଳଗତ ମନୋବୃତ୍ତି ସହ ନିଜ ନିଜର ଦାୟିତ୍ୱ ନିର୍ବାହ କରିପାରିଲେ ସଡ଼କ ଦୁର୍ଘଟଣା ଆହୁରି ଅନେକ ମାତ୍ରାରେ ହ୍ରାସ ପାଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ । ଏନଏଚଏଆଇର ପ୍ରକଳ୍ପ ନିର୍ଦ୍ଦେଶକ ନାଗେଶ୍ୱର ରାଓ ବୈଠକରେ ଯୋଗଦେଇ ସଡ଼କ ସୁରକ୍ଷା କ୍ଷେତ୍ର ସହ ଜଡିତ । ବିଭିନ୍ନ ବିଭାଗୀୟ ଅଧିକାରୀ ପରସ୍ପର ସହିତ ସମନ୍ୱୟ ରକ୍ଷା ପୂର୍ବକ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରାମର୍ଶ ଦେବା ସହ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡିକ ତତ୍ପରତାର ସହ ନିଜ ନିଜର କାର୍ଯ୍ୟ ନିର୍ବାହ କରିବାକୁ ସେ ଆହ୍ୱାନ ଦେଇଥିଲେ । ରାଜ୍ୟ ପରିବହନ ବିଭାଗର ଅତିରିକ୍ତ କମିଶନର ଲାଲମୋହନ ସେଠୀ ବୈଠକରେ ଉଦ୍‌ବୋଧନ ଦେଇ ମଦ୍ୟପାନ କରି ଦ୍ରୁତ ଗାଡିଚାଳନା କରୁଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ନେବାକୁ ସେ ବିଭାଗୀୟ କାର୍ଯ୍ୟକର୍ତ୍ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ କଟକ ସହରାଞ୍ଚଳ ଆରକ୍ଷୀ ଉପଆୟୁକ୍ତ ଅନୀଲ କୁମାର ମିଶ୍ର ଓ ଆରକ୍ଷୀ ଅଧିକ୍ଷକ (ଗ୍ରାମାଞ୍ଚଳ) ମିହିର ପଣ୍ଡା ପ୍ରମୁଖ ଉପସ୍ଥିତ ରହି 'ସଡ଼କ ଦୁର୍ଘଟଣା ମୁକ୍ତ କଟକ'ର ମର୍ଯ୍ୟାଦା ହାସଲ କରିବା ଦିଗରେ କାର୍ଯ୍ୟ କରିବାକୁ ମତପୋଷଣ କରିଥିଲେ । କଟକ ଆଞ୍ଚଳିକ ପରିବହନ ଅଧିକାରୀ ସଞ୍ଜୟ ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ସଡ଼କ ଦୁର୍ଘଟଣା ହ୍ରାସ କ୍ଷେତ୍ରରେ ସମସ୍ତ ବିଭାଗ ତତ୍ପରତାର ସହ କାର୍ଯ୍ୟ କରିବାକୁ ନିବେଦନ କରିଥିଲେ । ଏହି ଅବସରରେ ସଡ଼କ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ଅଧିକ୍ଷକ ଡାକ୍ତର ସୁଧାଂଶୁ ଶେଖର ମିଶ୍ରଙ୍କ ସମେତ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯିବା ସହ ୩୩ ଜଣ ଉତ୍ତମ ନାଗରିକଙ୍କୁ ପ୍ରଶଂସାପତ୍ର ଓ ୨୦୦୦ ଟଙ୍କା ଲେଖାଏଁ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା । ଏଥିରେ ମୋଟର ଯାନ ପ୍ରଶିକ୍ଷଣ, ଟ୍ରକ୍, ବସ୍ ଓ ଅଟୋ ଆସୋସିଏସନର କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ଭିନ୍ନକ୍ଷମ ମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ସମସ୍ତଙ୍କ ଦାୟିତ୍ୱ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**



ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ତରଫରୁ ନେମାଳ ମହାପୁରୁଷ ଅଚ୍ୟୁତାନ୍ଦ ମହାବିଦ୍ୟାଳୟ ପରିସରରେ ବ୍ୟାପକ ଅବ୍ୟବସ୍ଥା ଘେରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର ଅନୁଷ୍ଠିତ ହୋଇଯାଇଛି । ବ୍ୟାପକ ଅବ୍ୟବସ୍ଥା ହେତୁ ବହୁ ଦିବ୍ୟାଙ୍ଗ ନାହିଁନଥିବା ହଟହଟାର ସମ୍ମୁଖିନ ହୋଇ ନିରାଶରେ ଫେରିବାକୁ ପଡିଥିଲା । ରାଜ୍ୟ ସରକାର ଦିବ୍ୟାଙ୍ଗ ମାନଙ୍କ ପାଇଁ ଭତ୍ତା ବୃଦ୍ଧି ଠାରୁ ଆରମ୍ଭ କରି ବିଭିନ୍ନ ସହାୟତା, ଯନ୍ତ୍ରପାତି, ସରଂକ୍ଷଣ ଓ ଦକ୍ଷତା ବିକାଶ ପାଇଁ ପ୍ରୋତ୍ସାହନ ଦେଇ ଆସୁଛନ୍ତି । ଫଳରେ ଦିବ୍ୟାଙ୍ଗମାନେ ଏବେ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିଛନ୍ତି । ସେମାନଙ୍କ ଆର୍ଥିକ ଓ ସାମାଜିକ ବିକାଶ ହୋଇପାରିଛି ବୋଲି ଭୀମଭୋଇ ଭିନ୍ନକ୍ଷମ ଉଦ୍‌ଘାଟନୀ ଶିବିରରେ ନିମନ୍ତ୍ରୀତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ମହାପୁରୁଷ ଅଚ୍ୟୁତାନନ୍ଦ ମହାବିଦ୍ୟାଳୟ ପରିସରରେ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ପକ୍ଷରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ, ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ବିଡିଓ ଧର୍ମରଞ୍ଜନ ପଣ୍ଡା, ଏବିଡିଓ ଅଶୋକ କୁମାର ମହାନ୍ତି, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଅଚ୍ୟୁତାନନ୍ଦ ଦାସ, ଜିଲ୍ଲାପରିଷଦ ସଭ୍ୟ ବିଳାସ ଭୋଇ ପ୍ରମୁଖ ଅତିଥି ରୂପେ ଯୋଗଦାନ କରି ଭିନ୍ନକ୍ଷମ ମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ନିମନ୍ତେ ସରକାର ଗ୍ରହଣ କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଗଭୀର ଭାବେ ଆଲୋକପାତ କରିବା ସହ ଭିନ୍ନକ୍ଷମଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ସମସ୍ତଙ୍କର ଗୁରୁଦାୟିତ୍ୱ ବୋଲି ପ୍ରକାଶ କରିଥିଲେ । ଉଦ୍‌ଘାଟନ କରି ଏହି ଶିବିରର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଏହି ଶିବିରରେ ୮ଟି ବିଭାଗର ଅଭିଜ୍ଞ ଡାକ୍ତର ଦିବ୍ୟାଙ୍ଗ ମାନଙ୍କୁ ପରୀକ୍ଷା ନିରୀକ୍ଷା କରି ମାନପତ୍ର ପାଇଁ ସୁପାରିଶ କରିଥିବା ଜଣାଯାଇଛି । ଅପରପକ୍ଷରେ ଦିବ୍ୟାଙ୍ଗମାନେ ମଧ ବସ୍‌ପାସ୍, ଆୟ ପ୍ରମାଣପତ୍ର, ଦକ୍ଷତା ବିକାଶ ଓ ଋଣ ସହାୟତା ପାଇଁ ଆବେଦନ କରିଥିଲେ । ସାମାଜିକ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ଦିବ୍ୟାଙ୍ଗ ମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର ଅନୁଷ୍ଠିତ ହୋଇଥାଏ । ଏହି ଶିବିରରେ ଦିବ୍ୟାଙ୍ଗମାନେ ଅନ୍‌ଲାଇନ୍‌ରେ ଆବେଦନ କରିବା ସହ ପ୍ରମାଣ ପତ୍ର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥାନ୍ତି । ନିଶ୍ଚିନ୍ତକୋଇଲି ବ୍ଲକରେ ଅସ୍ଥିଶଲ୍ୟ ବିଭାଗରେ ୨୪୦ ଜଣ, ମାନସିକ ବିଭାଗରେ ୧୦୯ ଜଣ, ଶ୍ରବଣ ବିଭାଗରେ ୮୫ ଜଣ, ଦୃଷ୍ଟି ବାଧିତ ବିଭାଗରେ ୭୧ ଜଣ ଓ ସ୍ନାୟୁ ବିଭାଗରେ ୩୬ ଜଣ ଆବେଦନ କରିଥିଲେ । ସେମାନଙ୍କୁ ଏସସିବି ମେଡିକାଲର ଡାକ୍ତର ନିର୍ମଳ ଜେନା, ଡାକ୍ତର ବିଜୟଶ୍ରୀ ଡି ରାଉତ, ଡାକ୍ତର ଗାୟତ୍ରୀଦେବୀ ପାଲ, ଡାକ୍ତର ଅମୀୟ ରଞ୍ଜନ ସାହୁ, ଡାକ୍ତର ପିତାମ୍ବର ବେଉରା, ରଶ୍ମିତା ସ୍ୱାଇଁ, ସାଇଲକ୍ଷ୍ମୀ ରାଉତ ଓ କାହ୍ନୁଚରଣ ମଲିକ ପ୍ରମୁଖ ପରୀକ୍ଷା ନିରୀକ୍ଷା କରିଥିଲେ । ଯୋଗ୍ୟ ଆବେଦନକାରୀଙ୍କୁ ସିଡିଏମଓଙ୍କ ଅଫିସ ମାଧ୍ୟମରେ ପ୍ରମାଣପତ୍ର ଦିଆଯିବ ବୋଲି ବିଡିଓ ଧର୍ମରଞ୍ଜନ ପଣ୍ଡା ସୂଚନା ଦେଇଛନ୍ତି । ଏହି ଶିବିରରେ ୨୩ ଜଣ ବସ୍‌ପାସ୍ ପାଇଁ, ଜଣେ ଆୟ ପ୍ରମାଣପତ୍ର ପାଇଁ ଓ ୫ ଜଣ ଋଣ ପାଇଁ ଓ ଦକ୍ଷତା ବିକାଶ ପାଇଁ ୩୨ ଜଣ ଆବେଦନ କରିଛନ୍ତି । ଏହି କାର୍ଯ୍ୟକ୍ରମକୁ ନିଶ୍ଚିନ୍ତକୋଇଲି ବ୍ଲକ ସାମଜିକ ସୁରକ୍ଷା ଅଧିକାରୀ ସୁନିଲ ପାତ୍ର, ସହାୟିକା ଇତିଶ୍ରୀ ରାଉତ ସମେତ ବ୍ଲକର କର୍ମଚାରୀମାନେ ପରିଚାଳନା କରିଥିଲେ । ତେବେ ପ୍ରଚଣ୍ଡ ରୌଦ୍ରତାପ ହୋଇଥିଲା ବେଳେ ଓରିକ୍ଷା ଟାଟା ପାୱାର ତରଫରୁ ଅଘୋଷିତ ବିଦ୍ୟୁତ୍ କାଟ୍ କରାଯିବା କାରଣରୁ ଦିବ୍ୟାଙ୍ଗମାନେ ନାହିଁନଥିବା ଦୁର୍ଦ୍ଦଶାର ସମ୍ମୁଖିନ ହୋଇଥିଲେ । ତେବେ ଏହି ଶିବିରରେ ରୋଗୀ ଓ ସେମାନଙ୍କ ସହାୟକ ମାନଙ୍କ ନିମନ୍ତେ ନିମ୍ନମାନ ଓ ଅରୁଚିକର ଖାଦ୍ୟ ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇଛି ।

# ନିୟମିତ ଭତ୍ତା ନପାଇ ଶଯ୍ୟାଶାୟୀ ବୃଦ୍ଧାଙ୍କ ହଟହଟା

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**



ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା ପ୍ରଦାନରେ ପ୍ରାୟ ଏକ ବର୍ଷ ହେବ ଜିଲ୍ଲାର ବିଭିନ୍ନ ପଞ୍ଚାୟତରେ ବିଭ୍ରାଟ ଦେଖିବାକୁ ମିଳୁଥିବା ବେଳେ ଅଭିଯୋଗ କରି ମଧ ହିତାଧିକାରୀ ନିରାଶ ହେଉଥିବା ଦେଖିବାକୁ ମିଳୁଛି । ଏଭଳି ଏକ ଅଭିଯୋଗ ଆସିଛି ହରଭଙ୍ଗା ବ୍ଲକ୍ ବନ୍ଧାପଥର ଗ୍ରାମରୁ । ଅଭିଯୋଗ ଅନୁଯାୟୀ ଗ୍ରାମର ଜଣେ ୮୫ ବର୍ଷର ଶଯ୍ୟାଶାୟୀ ବିଧବା ବୃଦ୍ଧା ସୁଶୀଳା ବାରିକ ଦୀର୍ଘ ଦିନରୁ ଭତ୍ତା ପାଇ ଆସୁଥିଲେ ମଧ ଗତ ୬ ମାସ ହେଲା ଭତ୍ତା ପାଉନଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କରେ ଗତ ତା ୨୬.୧୨.୨୦୨୩ ରିଖରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଶୁଣାଣି ଶିବିରରେ ଅଭିଯୋଗ କରି ମଧ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିବା ଅଭିଯୋଗ କରିଛନ୍ତି । କେବଳ ସେତିକି ନୁହେଁ ବୟସ୍କ ହିତାଧିକାରୀଙ୍କୁ ୨୦୨୨ ମସିହାରେ ଅତିରିକ୍ତ ୨୦୦ ଟଙ୍କାର ଭତ୍ତା ମଧ ତାଙ୍କୁ ନିୟମିତ ମିଳୁନଥିବା ଜଣାପଡିଛି । ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଭତ୍ତା ପ୍ରଦାନ ପାଇଁ ବାରମ୍ବାର କହୁଥିଲେ ମଧ କର୍ଣ୍ଣପାତ କରୁନଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କରେ ପଦକ୍ଷେପ ଗ୍ରହଣକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସେ ଦାବି କରିଛନ୍ତି ।

## ବେଆଇନ୍ ବାଲି ଚୋରା ଚାଲାଣ:ହାଇୱା ଜବତ ସହ ଚାଳକ ଅଟକ

**ବାରଙ୍ଗ, ନ୍ୟୁଜ୍ ବ୍ୟୁରୋ**

ବେଆଇନ୍ ଭାବେ ଚୋରାରେ ବାଲି ଚାଲଣ କରୁଥିବା ୨ଟି ହାଇୱାକୁ ବୁଧବାର ବିଳମ୍ବିତ ରାତିରେ ଗୋଡିସାହି ଫାଣ୍ଡି ପୋଲିସ ଜବତ କରିଛି । ବୁଧବାର ବିଳମ୍ବିତ ରାତିରେ ଗୋଡିସାହି ଫାଣ୍ଡି ପୋଲିସ ଫାଣ୍ଡି ସାମ୍ନାରେ ବ୍ଲକିଂ କରୁଥିବା ବେଳେ ଏହି ୨ଟି ବାଲି ବୋଝେଇ ହାଇୱା ଗୋଡିସାହି ପଟକୁ ଆସୁଥିବା ବେଳେ ପୋଲିସ ସେମାନଙ୍କୁ ରୋକିଥିଲା । ଗାଡି ଚାଳକ ବାଲି ପରିବହନ ନିମନ୍ତେ ଆବଶ୍ୟକତା ଥିବା କାଗଜପତ୍ର ଦେଖାଇ ନପାରିବାରୁ ଗାଡି ଗୁଡିକୁ ଜବତ କରି ଲଘୁଖଣିଜ ବିଭାଗର ଅଧିକାରୀଙ୍କୁ ଗୁରୁବାର ସକାଳେ ହସ୍ତାନ୍ତର କରିଥିଲେ । ସବୁଠାରୁ ବଡକଥା ହେଲା ଗୋଡିସାହି ଫାଣ୍ଡି ଠାରୁ କେଇ ହାତ ଦୂରରେ ରାମଦାସପୁର ରାଜସ୍ୱ କାର୍ଯ୍ୟାଳୟ ଥିଲେ ମଧ ଚୋରାରେ ଚାଲଣ ହେଉଥିବା ବାଲି ବିଷୟରେ କିପରି ସେମାନେ ଜାଣିପାରୁନାହାନ୍ତି ଅଥଚ ପୋଲିସ ଜାଣିବାକୁ ପାଉଛି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।



# ମାଣ୍ଡିଆ ଯଅରୁ ମୂଲ୍ୟଯୁକ୍ତ ଖାଦ୍ୟପଦାର୍ଥ ପ୍ରସ୍ତୁତି ପାଇଁ ତାଲିମ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା କୃଷି ବିଜ୍ଞାନ କେନ୍ଦ୍ରରେ କ୍ଷୁଦ୍ର ଶସ୍ୟଯୁକ୍ତ ପଦାର୍ଥ (ମାଣ୍ଡିଆ ଯଅ)ରୁ ମୂଲ୍ୟଯୁକ୍ତ ଖାଦ୍ୟ ପଦାର୍ଥ ପ୍ରସ୍ତୁତି ପାଇଁ ଗ୍ରାମ୍ୟ ଯୁବକ ଯୁବତୀ ମାନଙ୍କୁ ତାଲିମ ପ୍ରଦାନ କରାଯାଇଛି । କୃଷି- ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ଼ଃ ଅରବିନ୍ଦ ଦାସ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ । ବୈଜ୍ଞାନିକ ନମିତା ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି ୩ ଦିନିଆ ତାଲିମ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ୨୦ ଜଣ ଅଂଶ ଗ୍ରହଣ କରି ମାଣ୍ଡିଆ ଯଅ ଆଦିରୁ ବିଭିନ୍ନ ପ୍ରକାର କେକ୍, ବିସ୍କୁଟ୍, ମୋମୋ, ମଣ୍ଡା, ଆରିସା, ସୁଆଁରୁ ପ୍ରସ୍ତୁତ ହାଲୁଆ, ନିମିକି, ଲଡୁ ଇତ୍ୟାଦି ପଦାର୍ଥ ପ୍ରସ୍ତୁତ ଉପରେ ତାଲିମ ପ୍ରଦାନ କରାଯାଇଥିଲା । ତାଲିମ ପାଇଥିବା ଗ୍ରାମ୍ୟ ଯୁବକ ଯୁବତୀମାନେ ନିଜେ ଏହି ଖାଦ୍ୟ ପଦାର୍ଥ ପ୍ରସ୍ତୁତ କରିଥିଲେ । କାର୍ଯ୍ୟକ୍ରମର ଶେଷରେ ତାଲିମ ନେଇଥିବା ସମସ୍ତ ଗ୍ରାମ୍ୟ ଯୁବକ ଯୁବତୀ ମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡ଼ଃ ପ୍ରଭନ ମିଶ୍ର, ଡ଼ଃ ଗାୟତ୍ରୀ ସାହୁ, ଡ଼ଃ ତାପସ ରଞ୍ଜନ ସାହୁ, ଡ଼ଃ ମାନସ ରଞ୍ଜନ ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ସହଯୋଗ କରିଥିଲେ ।

# ଗଞ୍ଜାମ ଜିଲ୍ଲାର ୫୪ ଅନାଥଙ୍କୁ ମିଳିଛି ମା' କୋଳ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ପୋଷ୍ୟ ସନ୍ତାନ ଗ୍ରହଣ ପ୍ରତି ଆଗ୍ରହ ବଢୁଛି । ଓଡ଼ିଶା ସହ ଅନ୍ୟ ରାଜ୍ୟ ଏବଂ ବିଦେଶୀ ଦମ୍ପତ୍ତିମାନେ ଅନାଥଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରୁଛନ୍ତି । ଗଞ୍ଜାମ ଜିଲ୍ଲାରୁ ଗତ ୫ ବର୍ଷ ମଧ୍ୟରେ ୫୪ ଜଣ ଅନାଥ ଶିଶୁଙ୍କୁ ଆପଣାଇଛନ୍ତି ନିଃସନ୍ତାନ ଦମ୍ପତ୍ତି । ସେମାନଙ୍କ ମଧ୍ୟରେ ୩୨ ଝିଅ ଓ ୨୨ ଶିଶୁ ପୁତ୍ର ଅଛନ୍ତି । ଏମାନଙ୍କ ମଧ୍ୟରୁ ୭ ଶିଶୁଙ୍କୁ ବିଦେଶୀ ଆପଣାଇଛନ୍ତି । ୪ ଜଣ ଅଷ୍ଟ୍ରେଲିଆରେ ରହୁଥିବା ବେଳେ ଇଟାଲୀ, ସ୍ପେନ୍ ଏବଂ ୟୁକ୍ରେନ୍‌ର ନିଃସନ୍ତାନ ଦମ୍ପତ୍ତି ଜଣେ ଲେଖାଏଁ ଶିଶୁଙ୍କୁ ଆପଣାଇଥିବା ପୋଷ୍ୟ ସନ୍ତାନ କେନ୍ଦ୍ର ସାମାଜିକ କର୍ମୀ ଅରୁନ୍ଧତି ପରିଡ଼ାଙ୍କ ଠାରୁ ପ୍ରକାଶ । ସେହିପରି ଆନ୍ଧ୍ରପ୍ରଦେଶ, କେରଳ, ତାମିଲନାଡୁ, ପଶ୍ଚିମବଙ୍ଗ, ଛତିଶଗଡ଼ ଏବଂ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ୪୭ ଜଣଙ୍କୁ ଆପଣାଇଛନ୍ତି । ପୋଷ୍ୟ ସନ୍ତାନ କେନ୍ଦ୍ରରେ ୧୦ ପୁଅ ଓ ୬ ଜଣ ଝିଅ ରହୁଥିବା ବେଳେ ପୋଷ୍ୟ ଗ୍ରହଣ କରିବାକୁ ୪୦ ଜଣ ଆବେଦନ କରିଛନ୍ତି । ୨୦୨୧ରୁ ଏହି ଆବେଦନ ଆସିଥିବା ସୂଚନା ମିଳିଛି । ୨୦୧୭ରେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ପୋଷ୍ୟ ସନ୍ତାନ ଗ୍ରହଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ବ୍ରହ୍ମପୁର ଗୋସାଇଁ ନୂଆଗାଁ ଉତ୍କଳ ବାଳାଶ୍ରମରେ ଜଣେ ଶିଶୁଙ୍କୁ ପ୍ରଥମେ ପୋଷ୍ୟ ଗ୍ରହଣ କରାଯାଇଥିଲା । ଏହାପରଠୁ ନିଃସନ୍ତାନ ଦମ୍ପତ୍ତିଙ୍କ ଆବେଦନ ସଂଖ୍ୟା ବର୍ଦ୍ଧିବାରେ ଲାଗିଛି । କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ଗ୍ରହଣ ସମ୍ବଳ କର୍ତ୍ତୃପକ୍ଷ କାରରା ପୋର୍ଟାଲ୍‌ରେ ସନ୍ତାନ ନେବାକୁ ୪୦ ଜଣ ପଞ୍ଜିକୃତ କରି ଅପେକ୍ଷାରେ ରହିଛନ୍ତି । ୨୦୧୭ରୁ ୨୦୨୩ ମଧ୍ୟରେ ୫ ବର୍ଷରେ ପରିତ୍ୟକ୍ତ ସ୍ଥାନରୁ ୧୦୨ ଜଣଙ୍କୁ ଉଦ୍ଧାର କରାଯାଇଛି । ସେମାନଙ୍କ ମଧ୍ୟରୁ ୫୪ ଜଣ ପୋଷ୍ୟ ଗ୍ରହଣ ହୋଇଥିବା ବେଳେ ୧୬ ଜଣ ଏବେ ପୋଷ୍ୟ ସନ୍ତାନ କେନ୍ଦ୍ରରେ ଅଛନ୍ତି । ୨୬ ଜଣଙ୍କୁ ସେମାନଙ୍କ ପରିବାର ଲୋକ ନେଇଛନ୍ତି ଏବଂ ବିଭିନ୍ନ କାରଣରୁ ୬ ଜଣଙ୍କ ମୃତ୍ୟୁ ହୋଇଛି । ଜିଲ୍ଲାରେ ୧୧ଟି ଶିଶୁ ପରିଚର୍ଯ୍ୟା ଅନୁଷ୍ଠାନ କାର୍ଯ୍ୟକ୍ଷମ ଥିବାବେଳେ ୩୦୩ ଜଣ ଅନାଥ ଶିଶୁଙ୍କୁ ଥଇଥାନ କରାଯାଇଛି । ୧୩୩ ଶିଶୁଙ୍କୁ ପୁଷ୍ଟପୋଷକ ପ୍ରୋତ୍ସାହନ ପାଉଛନ୍ତି । ୫୬ ଅନାଥ ଶିଶୁଙ୍କ ସମ୍ପର୍କୀୟଙ୍କୁ ସେମାନଙ୍କ ଲାଳନପାଳନ ପାଇଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି । ରାଜ୍ୟ ସରକାରଙ୍କ ଉଦ୍ୟମରେ ଅନାଥ ଶିଶୁମାନେ ନୂଆ ପରିବାର ପାଇବା ସହ ମା' କୋଳ ପାଇପାରୁଛନ୍ତି । ୫ ବର୍ଷ ମଧ୍ୟରେ ଜିଲ୍ଲାରେ ବାଲ୍ୟ ବିବାହ ପୂର୍ବରୁ ୭୬ ଶିଶୁଙ୍କୁ ଉଦ୍ଧାର କରି ଆଇଟିଆଇରେ ପଢ଼ିବା ଲାଗି ବ୍ୟବସ୍ଥା କରାଯାଇଛି । ସେଥିରୁ ୫୬ ଜଣଙ୍କୁ ରାଜ୍ୟ ଓ ରାଜ୍ୟ ବାହାରୁ ବିଭିନ୍ନ କମ୍ପାନୀରେ ନିଯୁକ୍ତି ମିଳିସାରିଛି । ସୁକନ୍ୟା ସମୃଦ୍ଧି ଯୋଜନା ଏବଂ ବିଜୁ ସୁରକ୍ଷା ଯୋଜନାରେ ୪୨ ଶିଶୁ କନ୍ୟା ଥଇଥାନ ହୋଇଛନ୍ତି । ସେହିପରି କରୋନା ମହାମାରୀରେ ପିତାମାତାଙ୍କୁ ହରାଇଥିବା ଅଥବା ବାପା କିମ୍ବା ମାଆଙ୍କୁ ହରାଇଥିବା ମୋଟ ୪୪୧୬ ଶିଶୁଙ୍କୁ ଆର୍ଶିବାଦ ଯୋଜନାରେ ସାମିଲ କରି ସରକାରୀ ସହାୟତା ପ୍ରଦାନ କରାଯାଉଥିବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ ।

## ପୂର୍ବତନ ବିଧାୟକଙ୍କୁ ଓଟିଏମ୍ କଲୋନୀବାସୀଙ୍କ ସମ୍ବର୍ଦ୍ଧନା

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର ସ୍ଥିତ ବନ୍ଦ ଓଟିଏମ୍ ଭିତ୍ତିଭୂମି ଉପରେ ୱେଲସ୍ପନ୍ ଶିଳ୍ପଗୋଷ୍ଠୀ ଦ୍ୱାରା ସମନ୍ୱିତ ବୟନ ଶିଳ୍ପ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ଗତ ୧୭ ତାରିଖରେ ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି । ଏହି କାରାଖାନା ପ୍ରତିଷ୍ଠା ପାଇଁ ବିସ୍ଥାପିତ ହେଉଥିବା ଓଟିଏମ୍ କଲୋନୀ ବାସୀ ଓ କଲୋନୀ ସଂଲଗ୍ନ ବସ୍ତି ବାସିନ୍ଦା ମାନଙ୍କୁ ଥଇଥାନ କରିବା ପାଇଁ ପଦକ୍ଷେପ ନେବାକୁ କଟକ ଜିଲ୍ଲାପାଳଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ୫-ଟି ଅଧ୍ୟକ୍ଷ ଭି.କେ.ପାଣ୍ଡିଆନ୍ ଉକ୍ତ ଭିତ୍ତିପ୍ରସ୍ତର ସ୍ଥାପନ ସଭାରେ ଘୋଷଣା କରିଥିଲେ । ଏହି ଖବରରେ ଓଟିଏମ୍ କଲୋନୀ ବାସୀ ଓ ବସ୍ତି ବାସିନ୍ଦାଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । ସେମାନଙ୍କ ଥଇଥାନ ପାଇଁ ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ନିରନ୍ତର ପ୍ରୟାସ ଓ ସରକାରୀ ସ୍ତରରେ ତାଙ୍କର ପ୍ରଚେଷ୍ଟା ପାଇଁ ବିସ୍ଥାପିତଙ୍କ ଥଇଥାନର ବାଟ ଫିଟି ପାରିଲା ବୋଲି ମତ ପ୍ରକାଶ ପାଇଛି । ଶ୍ରୀ ବିଶ୍ୱାଳଙ୍କ ଏହି ପ୍ରୟାସ ପାଇଁ କଲୋନୀବାସୀ ଓ ବସ୍ତିବାସିନ୍ଦାଙ୍କ ତରଫରୁ ତାଙ୍କୁ ଗଭୀର କୃତଜ୍ଞାତା ଜ୍ଞାପନ ସହିତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ଉପଲକ୍ଷେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଶିବାଜୀ ପଟ୍ଟନାୟକ, ମାନସ ଖୁଣ୍ଟିଆ, ଅଶ୍ୱିନୀ ଜେନା, କାଉନସିଲର ସୁବ୍ରତ ସାମଲ, ପୂର୍ବତନ କାଉନସିଲର ମନୋଜ କୁମାର ମହାନ୍ତି, ବିଶ୍ୱ ରଞ୍ଜନ କର, ରବି ନାରାୟଣ ରାଉତ, କାହ୍ନୁ ନନ୍ଦ, ବିଶ୍ୱଜିତ ଭଞ୍ଜ, ଦିବ୍ୟ ବଳ, ଦିବାକର ପଟ୍ଟନାୟକ ପ୍ରମୁଖ ଡ. ବିଶ୍ୱାଳଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ ।

# ନବୀନ ସରକାରଙ୍କ ବିକାଶ କାର୍ଯ୍ୟ ସମ୍ପର୍କରେ ଆଲୋକପାତ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**



ଆମ ଓଡ଼ିଶା ନବୀନ ଓଡ଼ିଶା ମାଧ୍ୟମରେ ମଙ୍ଗଳପୁର, ଅରାବଳ ଏବଂ ଉତ୍ତରପ୍ରତାପ ଗ୍ରାମ ପଞ୍ଚାୟତରେ ଜନସାଧାରଣଙ୍କୁ ସଚେତନତା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ସଭାରେ ଓଡ଼ିଶା ସରକାରଙ୍କ କରିଥିବା ଉନ୍ନତୀମୂଳକ କାର୍ଯ୍ୟର ଆଲୋକପାତ କରିଥିଲେ । ସେହି ପଞ୍ଚାୟତରେ ମୋଟ ରାସନ ପାଇଥିବା ହିତାଧିକାରୀ ସଂଖ୍ୟା, ମଧୁବାବୁ ପେନ୍‌ସନ୍ ଯୋଜନା ଅନ୍ତର୍ଭୁକ୍ତ ହିତାଧିକାରୀ ସଂଖ୍ୟା, ଏବଂ ସମସ୍ତ ରାଜ୍ୟ ସରକାରଙ୍କ ଯୋଜନାରେ ଅନ୍ତର୍ଭୁକ୍ତ ଜନସାଧାରଣଙ୍କୁ ଏହି କାର୍ଯ୍ୟକ୍ରମରେ ଅବଗତ କରାଇଥିଲେ । ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତ ମିଶନ ଶକ୍ତିର ମାଆ ମାନଙ୍କ ଡ୍ରେସ୍‌କୋଡ ପାଇଁ ହଜାର ଟଙ୍କାର ଅର୍ଥରାଶି ଦେବାପାଇଁ ଘୋଷଣା କରିଥିବା ସହିତ ମମତା ଯୋଜନାରେ ମାଆମାନଙ୍କୁ ୫ ହଜାରରୁ ୧୦ ହଜାର ଟଙ୍କାର ସହାୟତା ଓ ମଧୁବାବୁ ପେନ୍‌ସନ୍ ଯୋଜନାରେ ୫୦୦ ଟଙ୍କା ବୃଦ୍ଧି, କଳାକାରଙ୍କ ପାଇଁ ସହାୟତା ରାଶି ବୃଦ୍ଧି, ପ୍ରତ୍ୟେକ ରାସନଧାରୀ ପରିବାରକୁ ୧ ହଜାର ଟଙ୍କା ପ୍ରଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଥିବା କଥା ପ୍ରକାଶ କରିଥିଲେ । ଏହି ୩ ଗୋଟି ପଞ୍ଚାୟତ ବିଜୁ ଜନତା ଦଳ ସରକାର ପୂର୍ବରୁ ଦିପାଞ୍ଚଳର ଆଖ୍ୟା ପାଉଥିଲା । କିନ୍ତୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀତ୍ୱର ପ୍ରଥମ ପାଳିରେ ଏହି ତିନିଗୋଟି ପଞ୍ଚାୟତ ପାଇଁ କାଏମା ଠାରୁ ଉତ୍ତରପ୍ରତାପ ପର୍ଯ୍ୟନ୍ତ ଏକ ସେତୁ ନିର୍ମାଣ କରି ଜନସାଧାରଣ ମାନଙ୍କ ପାଇଁ ଗମନାଗମନର ସୁବିଧା କରିଥିବା ପ୍ରକାଶ କରିଥିଲେ । ଦୀର୍ଘ ୧୫ ଦିନ ଧରି ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ଚାଲୁ ରହିଥିବା ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି ବୋଲି ପ୍ରକାଶ କରିବା ସହିତ ସାରା ଧର୍ମଶାଳାରେ ଆମ ଓଡ଼ିଶା ନବୀନ ଓଡ଼ିଶା ୧୫୦ଟି ପ୍ରକଳ୍ପ ସମାପ୍ତ ହୋଇ ଓଡ଼ିଶାରେ ପ୍ରଥମ ସ୍ଥାନ ନେଇଥିବା ହେତୁ ଧର୍ମଶାଳାର ସମସ୍ତ ଜନସାଧାରଣଙ୍କୁ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଯୋଗଦେଇ ସମସ୍ତଙ୍କୁ ସ୍ୱାଗତ କରିବା ସହିତ ଧର୍ମଶାଳା ପଞ୍ଚାୟତ ସମିତି ମାଧ୍ୟମରେ ହୋଇଥିବା ସମସ୍ତ ଯୋଜନା ବିଷୟରେ ଜନସାଧାରଣଙ୍କୁ ଅବଗତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଧର୍ମଶାଳା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ପରିଚାଳନା କରିଥିଲେ ।

## ବାସୁଦେବପୁରରେ ଯୁଗ୍ମ ଜନ ଶୁଣାଣି:୧୫୩ ଅଭିଯୋଗ ଆଗତ:୪୫ ହଜାର ସହାୟତା ପ୍ରଦାନ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**



ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଜନଶୁଣାଣି ଶିବିର ବାସୁଦେବପୁର ବ୍ଲକ୍‌ରେ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଏସ୍.ପି.ବରୁଣ ଗୁଣ୍ଟୁପାଲି ଏହି ଶିବିରରେ ଯୋଗଦେଇ ସମୁଦାୟ ୧୫୩ଟି ଅଭିଯୋଗ ଶୁଣିଥିଲେ । ସେଥିମଧ୍ୟରେ ୧୪୭ଟି ବ୍ୟକ୍ତିଗତ ଓ ୬ ସାମୂହିକ ସମସ୍ୟା ସମ୍ବନ୍ଧୀୟ ଅଭିଯୋଗଥିଲା । ୩ ଜଣ ଆବେଦନକାରୀଙ୍କୁ ସି.ଏମ୍.ଆର୍.ଏଫ୍‌ରୁ ଏବଂ ଜଣଙ୍କୁ ରେଡ଼କ୍ରସ୍ ପାଣ୍ଠିରୁ ସମୁଦାୟ ୪ ଜଣଙ୍କୁ ଚିକିତ୍ସା ଉଦ୍ଦେଶ୍ୟରେ ସମୁଦାୟ ୪୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ଲାଗି ଜିଲ୍ଲାପାଳ ମଞ୍ଜୁର କରିଛନ୍ତି । ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ମନୋଜ ପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ସନ୍ତୋଷ କୁମାର ପାତ୍ର, ଡେପୁଟୀ କଲେକ୍ଟର ତନ୍ମୟ କୁମାର ଜେନା ପ୍ରମୁଖ ଏହି ଶିବିରରେ ଯୋଗଦେଇ ଅଭିଯୋଗ ଶୁଣାଣି କାର୍ଯ୍ୟରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ । ଜିଲ୍ଲା ଓ ଉକ୍ତ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଏହି ଶିବିରରେ ଉପସ୍ଥିତ ରହି ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳଙ୍କ ଦ୍ୱାରା ଆବଶ୍ୟକମତେ ତଥ୍ୟ ଉପସ୍ଥାପନ କରିଥିଲେ । ୫ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ଚିକିତ୍ସା ପାଇଁ ଆର୍ଥିକ ସହାୟତା ବାବଦକୁ ମଞ୍ଜୁର କରାଯାଇଥିବା ସମୁଦାୟ ୪୫ ହଜାର ଟଙ୍କାରୁ ବିରସର ବୈଲୋଚନ ଜେନାଙ୍କୁ ୧୦ ହଜାର, ବାସୁଦେବପୁରର ରାଜେନ୍ଦ୍ର ରାଉତଙ୍କୁ ୧୦ ହଜାର, କିସ୍ମତ୍‌କୃଷ୍ଣପୁରର ଗୌରୀବାଳା ଜେନାଙ୍କୁ ୧୫ ହଜାର, ନନ୍ଦପୁରର ଅଭୟ ରାଉତଙ୍କୁ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଛି । ବାସୁଦେବପୁର ବ୍ଲକର ବି.ଡ଼ି.ଓ. ସଞ୍ଜୀବ କୁମାର ସାହୁ ସହକାରୀ ଯନ୍ତ୍ରୀ ଓ ସଂପୃକ୍ତ ଅନ୍ୟ କର୍ମଚାରୀ ଏହି ଶିବିର ଆୟୋଜନ ଓ ପରିଚାଳନାରେ ଆନୁସଂଗିକ ସହଯୋଗ କରିଥିଲେ ।

# ଯାଜପୁରର କଳା, ସଂସ୍କୃତିକୁ ବଞ୍ଚାଇ ରଖିଛି ଅନ୍ୱେଷଣ ଥିଏଟର ଗ୍ରୁପ୍



**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁରର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପର ପଞ୍ଚମ ବାର୍ଷିକ ଉତ୍ସବ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ପଣ୍ଡିତ ଭୂପତି ଭୂଷଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗୌତମ ବୁଦ୍ଧ ସଂସ୍କୃତି ଭବନ ଠାରେ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ସମାରୋହରେ ଉଦ୍‌ଘାଟକ ଭାବେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ପ୍ରତିନିଧି ବରିଷ୍ଠ ସମାଜସେବୀ କର୍ଣ୍ଣାଟକେଶରୀ ଦାସ, ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଆୟୁକ୍ତ-ଭୂଲେଖ-ବନ୍ଦୋବସ୍ତ କଳିଙ୍ଗନଗର ଯାଜପୁର- ଅକ୍ଷୟ କୁମାର ମଲ୍ଲିକ, ମୁଖ୍ୟବକ୍ତା ଭାବେ ଯାଜପୁର ପୌରପାଳିକାର ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ସମ୍ମାନିତ ଅତିଥିଭାବେ ବରିଷ୍ଠ ସମାଜସେବୀ କିଶୋର ଚନ୍ଦ୍ର ଦେହୁରି ଯୋଗଦାନ କରି ଅନ୍ୱେଷଣ ଯାଜପୁର ମାଟିରେ କଳା ସଂସ୍କୃତି ବଞ୍ଚାଇ ରଖିବା ପାଇଁ ଆପ୍ରାଣ ଉଦ୍ୟମ ତାହା ସହିତ ସମାଜ ସେବା କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ସଦସ୍ୟ/ସଦସ୍ୟା ମାନଙ୍କୁ ଧନ୍ୟବାଦ ଜଣାଇବା ସହିତ ଭୂୟସି ପ୍ରଶଂସା କରିଥିଲେ । ଏହି ସଭାରେ ଅନୁଷ୍ଠାନର କୋର କମିଟି ଅଧ୍ୟକ୍ଷ ସେକ୍ ଅବ୍‌ଦୁଲ୍ ସାଜିଦ୍, ସଦସ୍ୟା ମନିସା ରାଉତ, ଅତିଥିମାନଙ୍କୁ ମଞ୍ଚ ଉପରକୁ ଆମନ୍ତ୍ରଣ କରିଥିବା ବେଳେ ଉପସଭାପତି ସୁବାସ ଚନ୍ଦ୍ର ଦେବତା ସ୍ୱାଗତଭାଷଣ ପ୍ରଦାନ କରିଥିଲେ । କୋର କମିଟି ସଦସ୍ୟ ଭରତ ଚନ୍ଦ୍ର ବେହେରା ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ । ସମ୍ପାଦକ ଅଭିମନ୍ୟୁ ମିଶ୍ର, ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସଭାପତି ବୃନ୍ଦାବନ ମିଶ୍ର ଆମ କଥା ପ୍ରଦାନ କରିଥିଲେ । ଅନୁଷ୍ଠାନ ପକ୍ଷରୁ ମୁଖପତ୍ର ଅନ୍ୱେଷିକା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ତତ୍ ସହିତ ଅସହାୟ କର୍କଟ ପୀଡ଼ିତ / ପୀଡ଼ିତାଙ୍କ ଉଦ୍ଦେଶ୍ୟରେ ସାଂସ୍କୃତିକ ସମ୍ପାଦକ ଶଙ୍କର ସାହୁ ଉଦ୍ୟମ କ୍ରମେ ଏକ ସମାଜ ମଙ୍ଗଳ ହୁଣ୍ଡି ଅତିଥି ମାନଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିଲା । ଅନୁଷ୍ଠାନର ସଦସ୍ୟା ଲକ୍ଷ୍ମୀପ୍ରିୟା ରାଉତରାୟଙ୍କ ରଚନା, ଦିନେଶ ମଲ୍ଲିକଙ୍କ ନିର୍ଦ୍ଦେଶନା, କରୁଣା କରଙ୍କ କଣ୍ଠରେ ଅନ୍ୱେଷଣ ଉପରେ ଆଧାରିତ ଏକ ସଂଗୀତ କ୍ୟାସେଟ୍ ଆମ ଅନ୍ୱେଷଣ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ କଳା, ସାହିତ୍ୟ, ସାମାଜିକ କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଅନୁଷ୍ଠାନର ନିର୍ଦ୍ଦେଶକ ଅନିଲ୍ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ସନ୍ଧ୍ୟା ସମୟରେ ଡଃ ଅଲେଖ ପ୍ରସାଦ ମହାରଣାଙ୍କ ରଚିତ ସାମାଜିକ ବାର୍ତ୍ତାବହ ନାଟକ 'ଅଜବ କାହାଣୀ' ଅନୁଷ୍ଠାର କଳାକାର ମାନଙ୍କ ଦ୍ୱାରା ମଞ୍ଚସ୍ଥ କରାଯାଇଥିଲା ।

# ସୋଆରେ ଜୀବାଣୁ, ଟୀକା ଓ ପ୍ରତିରୋଧକ ଶକ୍ତି ସମ୍ପର୍କିତ ଆନ୍ତର୍ଜାତିକ ଆଲୋଚନାଚକ୍ର ଆୟୋଜିତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**



ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭେଟେରିନାରୀ ସାଇନ୍ସ ଆଣ୍ଡ ଆନିମଲ୍ ହଜ୍‌ବ୍ୟାଣ୍ଡରୀ (ଆଇଭିଏସଏଏଚ)ରେ ଏକ ତିନି ଦିନିଆ ଆନ୍ତର୍ଜାତିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନାଚକ୍ରରେ ଭାରତ ଓ ବିଦେଶରୁ ପ୍ରାୟ ୬୯ ଜଣ ପ୍ରତିନିଧି ଭାଗ ନେଇଥିବା ବେଳେ ୫୬ଟି ସନ୍ଦର୍ଭ ପାଠ କରାଯାଇଥିଲା । ଏହି ଆଲୋଚନା ଚକ୍ରରେ ୟୁନାଇଟେଡ୍ କିଙ୍ଗଡମ ସ୍ଥିତ ଦ ପର୍‌ବ୍ରାଇଟ୍ ଇନ୍‌ଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶକ ଓ ସିଇଓ ପ୍ରଫେସର (ଡକ୍ଟର) ବ୍ରାୟନ୍ ଚାର୍ଲ୍ସଟନ୍ 'ଡେଭଲପିଙ୍ଗ୍ ଦ ନେକ୍ସଟ ଜେନେରେସନ୍ ଅଫ୍ ଭ୍ୟାକ୍ସିନ୍ ଟୁ କଣ୍ଟ୍ରୋଲ୍ ଲାଇଭଷ୍ଟକ ଆଣ୍ଡ ଜୁନୋଟିକ୍ ଡିଜିଜେସ୍' ଶୀର୍ଷକ ଆଲୋଚନା କରିଥିବା ବେଳେ ୟୁନିଭର୍ସିଟି ଅଫ୍ ମ୍ୟାରିଲ୍ୟାଣ୍ଡର ଭର୍ଜିନିଆ ମ୍ୟାରିଲ୍ୟାଣ୍ଡ ରିଜିଓନାଲ୍ କଲେଜ ଅଫ୍ ଭେଟେରିନାରୀ ମେଡିସିନ୍‌ର ଡାକ୍ତର ଶିବ କେ. ସାମଲ୍ 'ପାରାମ୍ୟାକ୍ସୋ ଭାଇରସେସ୍ ଆଜ୍ ଭ୍ୟାକ୍ସିନ୍ ଭେକ୍ଟର୍‌ସ' ସମ୍ପର୍କରେ ଆଲୋକପାତ କରିଥିଲେ । ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ନୂଆ ଦିଲ୍ଲୀର ପାଥୋଲୋଜି ବିଭାଗର ମୁଖ୍ୟ ତଥା ପ୍ରତିଷ୍ଠିତ ଭାରତୀୟ ଭାଇରୋଲୋଜିଷ୍ଟ ପ୍ରଫେସର ସୁବ୍ରତ କେ. ପଣ୍ଡା ହେପାଟାଇଟିସ୍-ଇ ଭାଇରସ୍‌ର ସମ୍ଭାବ୍ୟ ଭୟ ସମ୍ପର୍କରେ ଆଲୋଚନା କରିଥିଲେ । ସେହିପରି ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ତାମିଲନାଡୁ ସେଣ୍ଟ୍ରାଲ୍ ୟୁନିଭର୍ସିଟିର ପୂର୍ବତନ କୁଳପତି ପ୍ରଫେସର (ଡକ୍ଟର) ଏ.ପି. ଦାସ ମଧ ବକ୍ତବ୍ୟ ରଖିଥିଲେ । ଏହି ଆଲୋଚନା ଚକ୍ରରେ ଆୟୋଜିତ ୫ଟି ବୈଷୟିକ ଅଧିବେଶନରେ ବିଶିଷ୍ଟ ବୈଜ୍ଞାନିକ ଓ ପ୍ରଫେସରମାନେ ପ୍ରାଣୀ ବିଜ୍ଞାନ ସମ୍ପର୍କିତ ଅନେକ ତଥ୍ୟ ଉପସ୍ଥାପନ କରିଥିଲେ । 'ଭ୍ୟାକ୍ସିନ୍ସ:ରିଭ୍ୟୁ, ଡେଭଲପମେଣ୍ଟସ ଆଣ୍ଡ ଫ୍ୟୁଚର୍', 'ୱାନ୍ ହେଲ୍‌ଥ; ପ୍ଲେୟାର୍ସ ଆଣ୍ଡ ପ୍ରିପେୟାର୍ଡନେସ୍', 'ଡିଜିଜ୍ କଣ୍ଟ୍ରୋଲ୍: ଟୁଲ୍ସ, ରେଡିନେସ୍ ଆଣ୍ଡ ପ୍ଲାନ୍ସ', 'ନ୍ୟୁ ଫ୍ରନ୍ଟିୟର୍ସ:ଟେକ୍ନୋଲୋଜିସ୍, ଆପ୍ଲିକେସନ୍ ଆଣ୍ଡ ଫ୍ୟୁଚର' ଏବଂ 'ଭାଇରସେସ୍:ନ୍ୟୁ ନଲେଜ୍' ପ୍ରସଙ୍ଗରେ ବିସ୍ତୃତ ଆଲୋଚନା ହୋଇଥିଲା । ବୈଜ୍ଞାନିକ ଜଗତରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରୁ ୟୁକେର ଆନିମଲ୍ ଆଣ୍ଡ ପ୍ଲାଣ୍ଟ ହେଲ୍‌ଥ ଏଜେନ୍ସିର ମୁଖ୍ୟ ପ୍ରଫେସର (ଡକ୍ଟର) ଆନ୍ଥୋନି ରିଚାର୍ଡ ଫୁକ୍ସ, ଆଇସିଏଆର୍‌ର ପୂର୍ବତନ ଡେପୁଟି ଡାଇରେକ୍ଟର ଜେନେରାଲ୍ (ପ୍ରାଣୀ ବିଜ୍ଞାନ) ତଥା ଆସାମ ଏଗ୍ରିକଲଚରାଲ ୟୁନିଭର୍ସିଟି, ଜୋରହାଟର ପୂର୍ବତନ କୁଳପତି ଡକ୍ଟର କେ. ଏମ୍. ବୁଜରବରୁଆ, ଉତ୍ତର ପ୍ରଦେଶର ପଣ୍ଡିତ ଦିନ୍‌ଦୟାଲ ଉପାଧ୍ୟାୟ ପଶୁ ଚିକିତ୍ସା ବିଜ୍ଞାନ ବିଶ୍ୱବିଦ୍ୟାଳୟର କୁଳପତି ତଥା ଏଗ୍ରିକଲଚରାଲ ସାଇନ୍‌ଟିଷ୍ଟ ରିକ୍ରୁଟମେଣ୍ଟ ବୋର୍ଡର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର (ଡକ୍ଟର) ଅନୀଲ କେ. ଶ୍ରୀବାସ୍ତବ, ନାଗପୁର ସ୍ଥିତ ମହାରାଷ୍ଟ୍ର ଆନିମଲ୍ ଆଣ୍ଡ ଫିସରି ସାଇନ୍ସ ବିଶ୍ୱବିଦ୍ୟାଳୟର କୁଳପତି ଡକ୍ଟର ଏନ୍. ଭି ପାଟିଲ୍, ପାଟନା ସ୍ଥିତ ଆର୍ଯ୍ୟଭଟ୍ଟ ନଲେଜ ୟୁନିଭର୍ସିଟିର କୁଳପତି ଡକ୍ଟର ଶରଦ ଯାଦବ, ସାଉଥ୍ ଇଷ୍ଟ ଏସିଆର ଡବ୍ଲୁଏଚ୍‌ଓ ରିଜିଓନାଲ୍ ଅଫିସର ମୁଖ୍ୟ ଡକ୍ଟର ଜ୍ଞାନେନ୍ଦ୍ର ଗୋଙ୍ଗଲ, ହାଇଦ୍ରାବାଦ ସ୍ଥିତ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆନିମଲ୍ ବାୟୋଟେକ୍ନୋଲୋଜିର ନିର୍ଦ୍ଦେଶକ ଡକ୍ଟର ଜି. ତରୁ ଶର୍ମା ଏବଂ ଭୁବନେଶ୍ୱର ସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଡିନ୍ ପ୍ରଫେସର (ଡକ୍ଟର) ସଂଘମିତ୍ରା ମିଶ୍ର ପ୍ରମୁଖ ଏହି ଆଲୋଚନାଚକ୍ରରେ ସାମିଲ ଥିଲେ । କାର୍ଯ୍ୟକ୍ରମରେ ୟୁଏସ୍‌ଏର ପର୍ଡ୍ୟୁ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁରେଶ କେ. ମିତଲ୍, କାନାଡା ସ୍ଥିତ ସସ୍‌କାଟ୍‌ଚ୍ୱାନ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁରେଶ କେ. ଟିକୁ ଓ ୟୁକେର ପିରବ୍ରାଇଟ୍ ଇନ୍‌ଷ୍ଟିଚ୍ୟୁଟର ପ୍ରଫେସର ସତ୍ୟ ପରିଡା ଏବଂ ପ୍ରଫେସର ଭେନୁ ଗୋପାଲ୍ ନାୟାର ସାମିଲ୍ ଥିଲେ । କାର୍ଯ୍ୟକ୍ରମକୁ ସୋଆର ଉପକୁଳପତି ତଥା ରେଜିଷ୍ଟ୍ରାର୍ ପ୍ରଫେସର ବିଭୁତି ଭୂଷଣ ପ୍ରଧାନ ଉଦ୍‌ଘାଟନ କରିଥିବା ବେଳେ ଆଇଭିଏସ୍‌ଏଏଚ୍‌ର ଡିନ୍ ଡକ୍ଟର ବ୍ରହ୍ମଦେବ ପଟ୍ଟନାୟକ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପ୍ରତିନିଧିମାନେ ସୋଆର ଏହି ପଦକ୍ଷେପକୁ ବିଶେଷ ପ୍ରଶଂସା କରିଥିଲେ । ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଆଇସିଏଆର୍‌ର ଆସିଷ୍ଟାଣ୍ଟ ଡାଇରେକ୍ଟର ଜେନେରାଲ୍ (ଆନିମଲ୍ ହେଲ୍‌ଥ) ଡକ୍ଟର ଅଶୋକ କୁମାର ଯୋଗ ଦେଇଥିବା ବେଳେ ନ୍ୟାସ୍‌ନାଲ୍ ଡାଇରି ଡେଭେଲପ୍‌ମେଣ୍ଟ ବୋର୍ଡର ପୂର୍ବତନ ସିନିୟର ଜେନେରାଲ୍ ମ୍ୟାନେଜର (ଆନିମଲ୍ ହେଲ୍‌ଥ) ଡକ୍ଟର ଗିରୀଶ କେ. ଶର୍ମା ମଧ ଯୋଗ ଦେଇଥିଲେ ।

দীর্ঘ ଦିନ ପରେ କ୍ରିକେଟକୁ
ଫେରିଲେ ହାର୍ଦ୍ଦିକ ପାଣ୍ଡ୍ୟା





ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

• ବର୍ଷ–୩୧ • ସଂଖ୍ୟା–୩୨ • ୨୭ ଫେବୃୟାରୀ ୨୦୨୪, ମଙ୍ଗଳବାର • ଭୁବନେଶ୍ୱର • Vol -31 • Issue-32 • 27th February 2024, Tuesday • Bhubaneswar | Licensed to post without pre-payment of postage No- BN-60/22-24


# ୧୫ ଜିଲ୍ଲାରେ ୬୭ ଆମ ହସ୍ପିଟାଲ ଲୋକାର୍ପିତ

**ଭୁବନେଶ୍ୱର, ୨୬।୨**
**ନ୍ୟୁଜ୍ ବ୍ୟୁରୋ**

ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦ୍ୱିତୀୟ ପର୍ଯ୍ୟାୟରେ ରାଜ୍ୟର ୧୫ଟି ଜିଲ୍ଲାରେ ୬୭ଟି ଆମ ହସ୍ପିଟାଲ, ଉମରକୋଟ ଉପଖଣ୍ଡ ହସ୍ପିଟାଲରେ ଡାଏଲେସିସ୍ ସେଣ୍ଟର, ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟାଳୟ ହସ୍ପିଟାଲ ଓ ଝାରସୁଗୁଡାରେ କାର୍ଡିଆକ କେୟାର ହସ୍ପିଟାଲ ଲୋକାର୍ପିତ କରିଛନ୍ତି। ଏହା ସହିତ ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଉପଜିଲ୍ଲା ଡାକ୍ତରଖାନାର ଭିତ୍ତିପ୍ରସ୍ତର ମଧ୍ୟ ସ୍ଥାପନ କରିଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଲେ ଯେ ଆମ ହସ୍ପିଟାଲରେ ସବୁ ବ୍ୟବସ୍ଥା ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି କରାଯାଇଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଫୋକସ ହେଉଛି ରୋଗୀଙ୍କ ସୁବିଧା ଓ ସେମାନଙ୍କ ପାଇଁ ଉନ୍ନତ ଚିକିତ୍ସା ବ୍ୟବସ୍ଥା। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆମ ହସ୍ପିଟାଲ




ଗୁଡିକ ଏକ ନୂଆ ଯୁଗ ରାଜ୍ୟରେ ଆରମ୍ଭ କରିବ। ସରକାରୀ ହସ୍ପିଟାଲ ଗୁଡିକରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏହା ଏକ ବିରାଟ ପରିବର୍ତ୍ତନ ଆଣିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ ସ୍ୱାସ୍ଥ୍ୟସେବା *(ଭିତର ପୃଷ୍ଠାରେ)*

# ଆରମ୍ଭ ହେଲା ନୂଆ-ଓ ସ୍କଲାରସିପ୍, ଛାତ୍ରଛାତ୍ରୀଙ୍କ ବ୍ୟାଙ୍କ ଖାତାକୁ ଗଲା ଟଙ୍କା

**ଭୁବନେଶ୍ୱର, ୨୬।୨**
**ନ୍ୟୁଜ୍ ବ୍ୟୁରୋ**

ଛାତ୍ରଛାତ୍ରୀଙ୍କ ବ୍ୟାଙ୍କ ଖାତାକୁ ଆସିଲା ସ୍କଲାରସିପ ଟଙ୍କା। ସୋମବାରଠାରୁ ଯୁକ୍ତତିନି ଓ ପିଜି ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଇଛି ନୂଆ-ଓ ସ୍କଲାରସିପ । ଏହି ସ୍କିମରେ ରାଜ୍ୟର ପ୍ରାୟ ୬ ଲକ୍ଷ ଛାତ୍ରଛାତ୍ରୀ ଉପକୃତ ହେବେ । ସମ୍ବଲପୁର, ଦେବଗଡ଼ ଓ ଅନୁଗୁଳ ଜିଲ୍ଲାରେ ଆରମ୍ଭ ହୋଇଛି ଏହି ଯୋଜନା। ଛାତ୍ରୀଙ୍କୁ ୧୦ ହଜାର ଏବଂ ଛାତ୍ରଙ୍କ ଖାତାକୁ ୯ ହଜାର ଟଙ୍କା ପ୍ରଦାନ କରାଯାଇଛି । ମାର୍ଚ୍ଚ ୫ ତାରିଖରେ ସମସ୍ତ ୩୦ ଜିଲ୍ଲାର ଛାତ୍ରଛାତ୍ରୀ ଏହି ଛାତ୍ରବୃତ୍ତି ପାଇବେ । ସେପଟେ ଖୁବଶୀଘ୍ର ସରକାର ଆଣିବାକୁ ଯାଉଛନ୍ତି ଯୁବ ବଜେଟ୍। ରାଜ୍ୟ ବଜେଟ୍‌ର ଏକ ବଡ଼ ଭାଗ ଯୁବ ବଜେଟ ପାଇଁ ବିନିଯୋଗ ହେବ । ଯୁବକଙ୍କ ସବୁ ସ୍ୱପ୍ନକୁ




ସାକାର କରିବେ ରାଜ୍ୟ ସରକାର।

ସମ୍ବଲପୁର, ଦେବଗଡ଼ ଓ ଅନୁଗୁଳ ଜିଲ୍ଲାରେ ଯୋଜନାରେ ସ୍କଲାରସିପ ବାଣ୍ଟିଛନ୍ତି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ଯୋଜନାର ଶୁଭାରମ୍ଭ କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଅର୍ଥ ଅଭାବରୁ ଯେପରି କୌଣସି ଛାତ୍ରଛାତ୍ରୀ ଉଚ୍ଚଶିକ୍ଷାରୁ ବଞ୍ଚିତ ନହୁଅନ୍ତି ସେଥିଲାଗି *(ଭିତର ପୃଷ୍ଠାରେ)*

# ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗସ୍ତ ବେଳେ କମିଶନରେଟ୍ ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା

**ଭୁବନେଶ୍ୱର, ୨୬।୨ : ନ୍ୟୁଜ୍ ବ୍ୟୁରୋ**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଫେବ୍ରୁଆରୀ ୨୮ରୁ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଗସ୍ତରେ ଆସୁଛନ୍ତି । ଏହି ସମୟରେ ସେ ଭୁବନେଶ୍ୱର ସମେତ ମୟୁରଭଞ୍ଜ, କେନ୍ଦୁଝର, ବ୍ରହ୍ମପୁର, କଟକ ଓ ସମ୍ବଲପୁର ଗସ୍ତ କରିବେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗସ୍ତ ପାଇଁ କମିଶନରେଟ ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଏନେଇ ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି । ସେ କହିଛନ୍ତି, ରାଜଧାନୀରେ ସୁରକ୍ଷା ଦାୟିତ୍ୱରେ



୩୦ ପ୍ଲାଟୁନ ଫୋର୍ସ ରହିବେ। ଏହାର ନିରୀକ୍ଷଣ ଦାୟିତ୍ୱରେ ରହିବେ ୮୫ ଜଣ ଅଫିସର। ଠିକ ସେହିପରି ୩ ଟି କ୍ୱିକ ରେସ୍ପନ୍ସ ଟିମ, ୨ଟି ସ୍ପେଶାଲ ଟେକ୍ନିକାଲ ୟୁନିଟ ସୁରକ୍ଷା ଦାୟିତ୍ୱରେ ରହିବେ। ୧୨ ଅତିରିକ୍ତ ଡିସିପି, ୨୫ ଏସିପି, ୪୦ ଇନ୍ସପେକ୍ଟର ଦାୟିତ୍ୱରେ ରହିବେ। ୧୬୦ ଟ୍ରାଫିକ ଓ ୧୫୦ ହୋମଗାର୍ଡ ନିୟୋଜିତ ହେବେ।

ସେ ଆହୁରି କହିଛନ୍ତି ଯେ, ବୁକ ଗାଇଡ୍‌ଲାଇନ ମୁତାବକ ପୁରା ସହର ପୁଲିସ ଛାଉଣୀ ହେବ। ସଭାସ୍ଥଳରେ ପ୍ରୋଟକଲ ମୁତାବକ ନିମନ୍ତ୍ରିତ ଅତିଥିଙ୍କ ତଥ୍ୟ ରହିବ। ଏଣେ କାରକେଡ଼ ଯିବାବେଳେ ସାଧାରଣ ଲୋକଙ୍କ ଟ୍ରାଫିକ ସମସ୍ୟା ନ ହେବାକୁ ବିଧାନ ଦିଆଯିବ।


TATA MOTORS

Light Commercial Vehicles Dealers

24 hours help line :

Sales : 7873770000


# ଦେଶରେ ଗରିବୀ ୫% ହ୍ରାସ ପାଇଛି : ନୀତି ଆୟୋଗ

**ନୂଆଦିଲ୍ଲୀ, ୨୬।୨**

ଦେଶରେ ହ୍ରାସ ପାଇଛି ଗରିବୀ। ପୂର୍ବ ଅପେକ୍ଷା ଦେଶରେ ଦାରିଦ୍ର୍ୟତା ପାଞ୍ଚ ପ୍ରତିଶତ ହ୍ରାସ ପାଇଥିବା ନୀତି ଆୟୋଗ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବି.ଭି.ଆର ସୁବ୍ରମଣ୍ୟମ କହିଛନ୍ତି । ସଦ୍ୟତମ ଘରୋଇ



ଖର୍ଚ୍ଚ ବ୍ୟୟ ସର୍ବେକ୍ଷଣରେ ଏହି ରିପୋର୍ଟ ଦର୍ଶାଯାଇଛି।

ଅଗଷ୍ଟ ୨୦୨୨ରୁ ଜୁଲାଇ ୨୦୨୩ ମଧ୍ୟରେ କରାଯାଇଥିବା ଏହି ସର୍ଭେରେ ଘରୋଇ ଉପଯୋଗ ବିଷୟରେ ସୂଚନା ଦିଆଯାଇଛି। ଏଥିରେ *(ପୃଷ୍ଠା ୭ରେ)*






# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୧୫ ଜିଲ୍ଲାରେ ...

କ୍ଷେତ୍ରରେ ରୂପାନ୍ତରର ଚିତ୍ରକୁ ଆମ ହସ୍ପିଟାଲ ଆହୁରି ଉଜ୍ଜ୍ୱଳ କରିବ। ୫-ଟି ଅଧ୍ୟକ୍ଷଙ୍କ ଜିଲ୍ଲା ଗସ୍ତରୁ ମିଳିଥିବା ପ୍ରସ୍ତାବ ଓ ମୋ ସରକାର ଜନମତ ସଂଗ୍ରହ ଭିତ୍ତିରେ ଆମ ହସ୍ପିଟାଲ ଆରମ୍ଭ କରାଯାଇଛି ବୋଲି ସେ କହିଥିଲେ। ଏହା ସରକାରୀ ସ୍ତରରେ ଆମର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ବିରାଟ ପରିବର୍ତ୍ତନ ବୋଲି କହି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୫-ଟି ଉପକ୍ରମରେ ହସ୍ପିଟାଲ ଗୁଡିକର ଭିତ୍ତିଭୂମି ବ୍ୟବସ୍ଥା, ରୋଗୀମାନଙ୍କ ପାଇଁ ମୌଳିକ ସୁବିଧା ସୁଯୋଗ ଏବଂ ସେବା ଯୋଗାଇବା ପଦ୍ଧତିରେ ଉନ୍ନତି ଆଣାଯାଇଛି। ଗୁଣବତ୍ତାକୁ ମଧ୍ୟ ଏଠାରେ ସୁନିଶ୍ଚିତ କରାଯାଇଛି। ଆଗାମୀ ୫ ବର୍ଷ ମଧ୍ୟରେ ୧୮୫୮ଟି ଡାକ୍ତରଖାନାକୁ ଏହି କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି ଏବଂ ଏଥି ପାଇଁ ୨୦୨୩-୨୮ ମଧ୍ୟରେ ୩୩ ଶହ କୋଟିରୁ ଅଧିକ ଟଙ୍କା ବ୍ୟୟବରାଦ କରାଯାଇଛି। ସଂପ୍ରତି ୧୪୯ଟି ଡାକ୍ତରଖାନାର ରୂପାନ୍ତରଣ କାର୍ଯ୍ୟ ଜାରି ରହିଛି ବୋଲି ସେ ସୂଚନା ଦେଇଥିଲେ। ରାଜ୍ୟର ସ୍ୱାସ୍ଥ୍ୟ ସେବା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଲୋକଙ୍କୁ ଭଲ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ ଗତ ୧ ବର୍ଷ ମଧ୍ୟରେ ୪,୦୦୦ ଡାକ୍ତର ଓ ୩,୭୦୦ ରୁ ଅଧିକ ନର୍ସଙ୍କୁ ନିଯୁକ୍ତି ଦିଆଯାଇଛି । ଧନୀ, ଗରୀବ ସମସ୍ତଙ୍କ ପାଇଁ ସରକାରୀ ଡାକ୍ତରଖାନାରେ ମାଗଣାରେ ଚିକିତ୍ସା ସୁବିଧା କରାଯାଇଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଆଜି ସାରା ଓଡିଶାରେ ମଡେଲ ହୋଇଛି । ଓଡିଶାବାସୀଙ୍କ ଚିକିତ୍ସା ଚିନ୍ତା ଦୂର କରିଛି। ମୋ ପାଇଁ ସବୁ ଜୀବନ ମୂଲ୍ୟବାନ। ଏହି ମନ୍ତ୍ରକୁ କାର୍ଯ୍ୟକାରୀ କରି ଆମେ ସମସ୍ତଙ୍କ ସହଯୋଗରେ ସୁସ୍ଥ ଓଡିଶା, ସୁଖୀ ଓଡିଶାର ସ୍ୱପ୍ନ ନିଶ୍ଚୟ ପୂରଣ କରିବୁ ବୋଲି ମୁଖ୍ୟମନ୍ତ୍ରୀ ଦୃଢୋକ୍ତି ପ୍ରକାଶ କରିଥିଲେ।

କାର୍ଯ୍ୟକ୍ରମରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୁଜାରୀ କହିଥିଲେ ଯେ ଆଜି ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମରେ ଓଡିଶାର ଜନସାଧାରଣ ପ୍ରାଇଭେଟ ହସ୍ପିଟାଲ ଭଳି ସୁବିଧା ସୁଯୋଗ ସରକାରୀ ହସ୍ପିଟାଲରେ ପାଉଛନ୍ତି । ୫-ଟି ଉପକ୍ରମରେ ସୋନପୁରରେ ଓଡ଼ିଶାର ଜିଲ୍ଲାସ୍ତରୀୟ ସବୁଠାରୁ ବଡ ହସ୍ପିଟାଲ ବହୁତ କମ ସମୟ ମଧ୍ୟରେ ପ୍ରତିଷ୍ଠା ହୋଇଛି । ସୋନପୁରବାସୀଙ୍କ ବହୁ ଦିନର ସ୍ୱପ୍ନ ଏହା ମାଧ୍ୟମରେ ସାକାର ହୋଇଛି।

କାର୍ଯ୍ୟକ୍ରମକୁ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସଂଯୋଜନା କରିଥିଲେ ଏବଂ କହିଥିଲେ ବର୍ତ୍ତମାନ ସୁଦ୍ଧା ଦୁଇଟି ପର୍ଯ୍ୟାୟରେ ୧୪୦ଟି ଆମ ହସ୍ପିଟାଲ ଲୋକାର୍ପିତ ହେଲା। ଏଥିପାଇଁ ୭୦୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଛି । ସମସ୍ତଙ୍କ ସହଯୋଗରେ ଏହି କାମ ସଫଳ ହୋଇଛି । ଏଥି ପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇ ଏହିସବୁ ହସ୍ପିଟାଲଗୁଡିକୁ ନିଜ ସମ୍ପତ୍ତି ଭଳି ରକ୍ଷଣାବେକ୍ଷଣ କରିବା ପାଇଁ ଅନୁରୋଧ କରିଥିଲେ।

କାର୍ଯ୍ୟକ୍ରମରେ ଗଜପତି ପାରଳାଖେମୁଣ୍ଡିରୁ ସାଂସଦ ଚନ୍ଦ୍ର ଶେଖର ସାହୁ, ଅନୁଗୋଳ ଜିଲ୍ଲା କୋଶଳାରୁ ବିଧାୟକ ସୁଶାନ୍ତ କୁମାର ବେହେରା, ପୁରୀ ଜିଲ୍ଲା ରେବଣା ନୂଆଗାଁରୁ ରାଜ୍ୟ ଯୋଜନା ବୋର୍ଡ ପୂର୍ବତନ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ଭଦ୍ରକ ଜିଲ୍ଲା ଧାମନଗରରୁ ବିଧାୟକ ପ୍ରଫୁଲ୍ଲ ସାମଲ, ନୟାଗଡ ଜିଲ୍ଲା ରଣପୁରରୁ ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ନବରଙ୍ଗପୁର ଜିଲ୍ଲା ଉମରକୋଟରୁ ବ୍ଲକ ଅଧ୍ୟକ୍ଷା ନବୀନ ନାୟକ, ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜିରୁ ସରକାରୀ ଦଳ ଉପମୁଖ୍ୟ ସଚେତକ ସରୋଜ କୁମାର ମେହେର, ଝାରସୁଗୁଡାରୁ ବିଧାୟିକା ଦିପାଳୀ ଦାସ ଯୋଗ ଦେଇ କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିରେ ପ୍ରତିଟି ଜୀବନ ତାଙ୍କ ପାଇଁ ମୂଲ୍ୟବାନ। ଏଥିପାଇଁ ରାଜ୍ୟବାସୀଙ୍କୁ ଉନ୍ନତ ମାନର ସ୍ୱାସ୍ଥ୍ୟସେବା ପ୍ରଦାନକୁ ସେ ସବୁବେଳେ ଉଚ୍ଚ ପ୍ରାଥମିକତା ଦେଇ ଆସିଛନ୍ତି । ଆଜି ସରକାରୀ ଡାକ୍ତରଖାନା ଉପରେ ରାଜ୍ୟବାସୀଙ୍କ ଆସ୍ଥା ବଢିଛି ବୋଲି ସେମାନେ ମତ ଦେଇଥିଲେ।

କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲା ନୀଳଗିରିରୁ ସସ୍ମିପ୍ରଭା ରାଉତ, ଦେବଗଡ ଜିଲ୍ଲାରୁ ସୁନୀତା ରାଣୀ ପୃଷ୍ଟି, ବଲାଙ୍ଗୀର ଜିଲ୍ଲା ଲୋଇସିଙ୍ଗାରୁ ସାବିତ୍ରୀ ମେହେର, ଖୋର୍ଦ୍ଧା ଜିଲ୍ଲା ବୋଲଗଡରୁ ସୁନନ୍ଦିତା ସାହୁ, କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁରରୁ ଆରତି କୁଲଦୀପ, ଯାଜପୁର ଜିଲ୍ଲା ବଡଚଣାରୁ ସୋନାଲି ଦାସ ସେମାନଙ୍କର ଅଭିଜ୍ଞତା ବର୍ଣ୍ଣନା କରି କହିଥିଲେ ଯେ ସ୍ୱାସ୍ଥ୍ୟ ହିଁ ସମ୍ପଦ। ତାକୁ ଠିକ ଭାବେ ବୁଝିଛନ୍ତି ଆମ ମୁଖ୍ୟମନ୍ତ୍ରୀ। ସେଥିପାଇଁ ଆମ ପାଇଁ ଏଭଳି ଭଲ ହସ୍ପିଟାଲ ନିର୍ମାଣ କରିଛନ୍ତି । ଆମ ହସ୍ପିଟାଲ କାର୍ଯ୍ୟକ୍ରମରେ ଆମ ଅଞ୍ଚଳରେ ଥିବା ହସ୍ପିଟାଲଗୁଡିକର ବ୍ୟାପକ ରୂପାନ୍ତର ଘଟି ରୂପରେଖ ବଦଳି ଯାଇଛି। ମାଗଣାରେ ସବୁ ସେବା ଉପଲବ୍ଧ ହେଉଛି । ଏଥିପାଇଁ ଆମେ ବହୁତ ଖୁସି । ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ ସେମାନେ କୃତଜ୍ଞତା ଜଣାଇବା ସହିତ ଧନ୍ୟବାଦ ଦେଇଥିଲେ।

କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଶାଳିନୀ ପଣ୍ଡିତ ସ୍ୱାଗତ ଭାଷଣ ଦେଇଥିଲେ ଓ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ।

## ଆରମ୍ଭ ହେଲା ...

ଏହି ଯୋଜନା କରାଯାଇଛି ବୋଲି କହିଥିଲେ ମୁଖ୍ୟମନ୍ତ୍ରୀ।

ଛାତ୍ରଛାତ୍ରୀଙ୍କ ଲାଗି ଆଉ ପାଠ ପଢାରେ ରହିବନି ଅର୍ଥର ଅଭାବ। ବାପାମାଆଙ୍କ ଉପରେ ଯାହା ବୋଝ ପଡୁଥିଲା। ସେଇଟାକୁ କିଛିମାତ୍ରାରେ କମ କରିବା ଲାଗି ମୁଖ୍ୟମନ୍ତ୍ରୀ ଏହି ଛାତ୍ରବୃତ୍ତି ପ୍ରଦାନ କରୁଛନ୍ତି । ଏହି ଯୋଜନା ନୂଆ ଓଡ଼ିଶା ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ଆଜିର ଦିନ ଛାତ୍ରଛାତ୍ରୀଙ୍କ ଲାଗି ଐତିହାସିକ ଦିନ ବୋଲି କହିଛନ୍ତି ୫-ଟି ଅଧ୍ୟକ୍ଷ।

ଯୁବବର୍ଗଙ୍କୁ ସଶକ୍ତ କରିବାକୁ ସରକାର ଆଣିବେ ଯୁବ ବଜେଟ। ଦେଶରେ ପ୍ରଥମ ରାଜ୍ୟଭାବେ ଓଡ଼ିଶା ଏହି ଯୁବ ବଜେଟ ଆଣିବ। ଯୁବବର୍ଗଙ୍କ ବିକାଶ ଦିଗରେ ଏହି ବଜେଟରୁ ଅର୍ଥ ଖର୍ଚ୍ଚ ହେବ। ୨୦୩୬ ସୁଦ୍ଧା ନୂଆ ଓ ସଶକ୍ତ ଓଡ଼ିଶା ଗଠନ ଲକ୍ଷ୍ୟ ରଖିଛନ୍ତି ସରକାର । ଏଥିଲାଗି ରାଜ୍ୟ ପ୍ରଶାସନକୁ ୨୦୩୪ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ଟାର୍ଗେଟ ଦେଇଛନ୍ତି । ୧୦ ବର୍ଷରେ ଓଡ଼ିଶାକୁ ସବୁ ଦିଗରୁ ସଶକ୍ତ କରିବାକୁ ଲକ୍ଷ୍ୟ ରହିଛି । ଲକ୍ଷ୍ୟ ହାସଲରେ ଯୁବକଙ୍କ ଭୂମିକା ହେବ ଗୁରୁତ୍ୱପୂର୍ଣ୍ଣ । ରାଜ୍ୟ ବଜେଟର ଏକ ବଡ଼ ଭାଗ ଯୁବ ବଜେଟ ପାଇଁ ବିନିଯୋଗ ହେବ। ଯୁବକଙ୍କ ସବୁ ସ୍ୱପ୍ନକୁ ସାକାର କରିବେ ରାଜ୍ୟ ସରକାର। ଯୁବ ଶକ୍ତିକୁ ସାମର୍ଥ୍ୟ ଯୋଗାଇବାକୁ ଏବେଠୁ କାମ ଆରମ୍ଭ ହୋଇଛି । ରାଜ୍ୟର ୬ ହଜାର ୮୫୦ ହାଇସ୍କୁଲର ହୋଇଛି ରୂପାନ୍ତରୀକରଣ। ଯୁବକ ଯାହା ସ୍ୱପ୍ନ ଦେଖିବ, ତାକୁ ସାକାର କରିପାରିବ । ଏହା ରାଜ୍ୟ ପାଇଁ ସୁବର୍ଣ୍ଣ ଯୁଗ ହେବ ବୋଲି କହିଛନ୍ତି ୫-ଟି ଅଧ୍ୟକ୍ଷ।

ଆଗକୁ ଯୁକ୍ତତିନି ଓ ପିଜିର ସମସ୍ତ ଛାତ୍ରଛାତ୍ରୀଙ୍କୁ ନବୀନ ମ୍ୟାଜିକ କାର୍ଡ ପ୍ରଦାନ କରାଯିବ । ମାର୍ଚ୍ଚ ୫ରେ ଏ ନେଇ ପଞ୍ଜୀକରଣ ଆରମ୍ଭ ହେବ। ଏହା ଛାତ୍ରଛାତ୍ରୀଙ୍କୁ ୱାଇଫାଇ, ବହି କିଣା ଓ ଯାତ୍ରାରେ ରିହାତି ସହ କ୍ୟାରିୟର କାଉନସେଲିଂ ଓ ନିଯୁକ୍ତିରେ ସହାୟକ ହେବ । ଏଥିରେ କାର୍ଡକୁ ସିଲଭର, ଗୋଲ୍ଡ, ପ୍ଲାଟିନମ କାର୍ଡକୁ ଉନ୍ନୀତ କରିବାକୁ ମଧ୍ୟ ସୁଯୋଗ ରହିଛି । ନୂଆ-ଓ ମାଧ୍ୟମରେ ଆୟୋଜିତ କୋ-କରିକୁଲାର ପ୍ରତିଯୋଗିତା ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ କରିବା ସହ ସ୍ୱପ୍ନକୁ ସାକାର କରିବାକୁ ବଳ ଯୋଗାଇବ ।

ସ୍କଲାରସିପ ମିଳିବା ପରେ ଭାବ ବିହ୍ୱଳ ହୋଇ ପଡିଥିଲେ ଅନେକ ଛାତ୍ରଛାତ୍ରୀ । ଅଭାବ ଅସୁବିଧାରେ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କ ଲାଗି ଏହା ବରଦାନ ସଦୃଶ ହୋଇଛି । ପାଠ୍ୟ ପୁସ୍ତକ ସହ ଅନ୍ୟ ପାଠ୍ୟ ଉପକରଣ କିଣିବାରେ ସହାୟକ ହେବ ବୋଲି ଛାତ୍ରଛାତ୍ରୀ କହିଛନ୍ତି । ପାଠପଢାରେ ସରକାର ଛାତ୍ରବୃତ୍ତି ପ୍ରଦାନ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କ ସହ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଧନ୍ୟବାଦ ଜଣାଇଛନ୍ତି ଛାତ୍ରଛାତ୍ରୀ।

## ଦେଶରେ ଗରିବୀ...

ଦାରିଦ୍ର୍ୟ ସ୍ତର ଏବଂ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ଦାରିଦ୍ର୍ୟ ଦୂରୀକରଣ ପଦକ୍ଷେପଗୁଡ଼ିକର କାର୍ଯ୍ୟକାରିତା ଉପରେ ଆଲୋକପାତ କରାଯାଇଛି ।

ଏଚ୍‌ସିଇଏସ୍ ସର୍ଭେରେ ଜଣାପଡିଛି ଯେ, ଉଭୟ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ବ୍ୟବହାର ପ୍ରାୟ ୨.୫ ଗୁଣ ବୃଦ୍ଧି ପାଇଛି। ୨୦୧୧-୧୨ଠାରୁ ସହରାଞ୍ଚଳ ପରିବାରରେ ମୁଣ୍ଡପିଛା ହାରାହାରି ମାସିକ ଖର୍ଚ୍ଚ ୩୩.୫ ପ୍ରତିଶତ ବୃଦ୍ଧି ଘଟି ୩,୫୧୦ ଟଙ୍କାରେ ପହଞ୍ଚି ଥିବାବେଳେ ଗ୍ରାମାଞ୍ଚଳରେ ୪୦.୪୨ ପ୍ରତିଶତ ବୃଦ୍ଧି ଘଟି ୨,୦୦୮ ଟଙ୍କାରେ ପହଞ୍ଚିଛି।

ସର୍ବେକ୍ଷଣରୁ ଏକ ପ୍ରମୁଖ ପର୍ଯ୍ୟବେକ୍ଷଣ ହେଉଛି, ଖାଦ୍ୟ ଖର୍ଚ୍ଚ ଦୃଷ୍ଟିରୁ ଖର୍ଚ୍ଚ ଢାଞ୍ଚାରେ ପରିବର୍ତ୍ତନ। ସର୍ବେକ୍ଷଣ ଅନୁଯାୟୀ, ଗ୍ରାମୀଣ ପରିବାର ପ୍ରଥମ ଥର ପାଇଁ ସେମାନଙ୍କର ମୋଟ ଖର୍ଚ୍ଚର ୫୦ ପ୍ରତିଶତରୁ କମ ଖାଦ୍ୟ ବଣ୍ଟନ କରିଛନ୍ତି। ଏହି ସର୍ବେକ୍ଷଣରେ କୁହାଯାଇଛି ଯେ, ସହରାଞ୍ଚଳ-ଗ୍ରାମୀଣ ବ୍ୟବହାର ୨୦୦୪-୦୫ରେ ୯୧%ରୁ ୨୦୨୨-୨୩ରେ ୭୧%କୁ ହ୍ରାସ ପାଇଛି, ଯାହା ଅସମାନତା ହ୍ରାସ କରିଛି।

ସୁବ୍ରମଣ୍ୟମ କହିଛନ୍ତି ଯେ, ଘରୋଇ ଉପଯୋଗ ଉପରେ କରାଯାଇଥିବା ସର୍ଭେ ଦାରିଦ୍ର୍ୟ ଦୂରୀକରଣ ପାଇଁ କରାଯାଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ସଫଳତାକୁ ମୂଲ୍ୟାଙ୍କନ କରିବା ପାଇଁ ଏକ ପ୍ରମୁଖ ମାଟ୍ରିକ । ଖାଦ୍ୟରେ ପାନୀୟ, ପ୍ରକ୍ରିୟାକୃତ ଖାଦ୍ୟ, କ୍ଷୀର ଏବଂ ଫଳର ବ୍ୟବହାର ବଢୁଛି। ଏହା ବିବିଧ ଏବଂ ସନ୍ତୁଳିତ ବ୍ୟବହାରର ସୂଚକ।

ସେ ଆହୁରି କହିଛନ୍ତି, ଆୟୁଷ୍ମାନ ଭାରତ ଯୋଜନା ଅଧୀନରେ ସ୍ୱାସ୍ଥ୍ୟସେବା ଏବଂ ମାଗଣା ଶିକ୍ଷା ବ୍ୟବସ୍ଥାକୁ ଏହି ସର୍ଭେରେ ସାମିଲ କରାଯାଇ ନାହିଁ । ଏଥିରୁ ଜଣାଯାଉଛି ଯେ, ଦେଶରେ ଦାରିଦ୍ର୍ୟ ଏବଂ ଅଭାବ ହ୍ରାସ ପାଇଛି ।

# ଘରେ ଘରେ 'ଲକ୍ଷ୍ମୀ'



ବିଶିକେଶନ ଦେହୁରୀ

ମଣିଷ ଜଣେ ସାମାଜିକ ପ୍ରାଣୀ। ସେ ବାସସ୍ଥାନ ତିଆରି କରେ। ପଲ୍ଲୀ, ଗ୍ରାମ ଓ ପରେ ସହର ତିଆରି କରେ। ରହିବା ପାଇଁ ସହଜ ସରଳ କରେ, ଅତ୍ୟାବଶ୍ୟକ ଜିନିଷ ପତ୍ର ଘରେ ସାଇତି ରଖେ। ଆନନ୍ଦ ଉଲ୍ଲାସରେ ରହିବା ପାଇଁ ମୂଲ୍ୟବାନ ମହରଗ ଜିନିଷ ସାମଗ୍ରୀ ରଖିବାକୁ ପସନ୍ଦ କରେ।

ଏହି ସବୁ ସୁଖ ସ୍ୱାଚ୍ଛନ୍ଦ୍ୟ ଗୋଟେଇବାକୁ ନିଜର ସହର ବସ୍ତିରେ ନିଜର ଆବଶ୍ୟକୀୟ ଜିନିଷ ନପାଇଲେ ମନ ବଳାଏ ସହର ବଜାର ଦୂର ସ୍ଥାନକୁ ଭ୍ରମଣ କରିବାକୁ। ସହରରୁ ଗାଆଁ ଗାଆଁରୁ ସହର ଯାତାୟତ କରିବାକୁ ଚାହିଁ ବସିଥାଏ। ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (OSRTC) ଦ୍ୱାରା ଚାଲୁଥିବା ବସ୍ ଯଥେଷ୍ଟ ନ ଥିବାରୁ 'ଘରେ ଘରେ ଲକ୍ଷ୍ମୀ'। ଏହା ଲକ୍ଷ୍ମୀ ଯୋଜନା ଅନ୍ତର୍ଭୁକ୍ତ। ଏହି ଯୋଜନାରେ ଟାୟାର-୧ରେ ଗ୍ରାମ ପଞ୍ଚାୟତ ସ୍ତରରୁ ବ୍ଲକକୁ ଲକ୍ଷ୍ମୀ ବସ୍ ବାରମ୍ବାର ଯାତାୟତ କରିବାର ସୁବିଧା ହୋଇଗଲା। ଟାୟାର-୨ରେ ବ୍ଲକରୁ ଜିଲ୍ଲା ମୁଖ୍ୟ ଦପ୍ତରକୁ ଲକ୍ଷ୍ମୀ ବସ୍ ଚାଲିବାର ପ୍ରୟାସ କରାଯାଉଛି। ଟାୟାର-୩ରେ ଜିଲ୍ଲା ଦପ୍ତରରୁ ଧାର୍ମିକ କ୍ଷେତ୍ର ପୁରୀକୁ ଯିବାର ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟର ବିଭିନ୍ନ ସହରରୁ ଅନ୍ୟ ସହରକୁ ଲକ୍ଷ୍ମୀ ବସ୍ ଚାଲିବାରେ ବ୍ୟବସ୍ଥା ମଧ୍ୟ କରାଯାଇଛି। ଏହି ପରି ଭାବରେ ବସ୍ ଚାଲୁଥିବାରୁ ଜନସାଧାରଣ ଅପର୍ଯ୍ୟାପ୍ତ ସୁବିଧା ସୁଯୋଗ ପ୍ରାପ୍ତ ହେଉଛନ୍ତି। ମହିଳାମାନେ ଟ୫.୦୦ ଗାଡି ଭଡା ପାଉଛନ୍ତି ଓ ଛାତ୍ରଛାତ୍ରୀମାନେ ମଧ୍ୟ ସୁବିଧା ପାଉଛନ୍ତି।

ଶ୍ରୀକ୍ଷେତ୍ର ପୁରୀକୁ ମହିଳାମାନେ ଆସିଲେ ପ୍ରକୃତ ଭଡାର ୫୦% ରିହାତିରେ ଯାଇ ପାରିବେ।

ପ୍ରମୁଖ ସୁବିଧା ଗୁଡିକ ହେଉଛି ମହିଳାମାନେ ସୁଲଭ ଦରରେ ଲକ୍ଷ୍ମୀ ବସ୍‌ରେ ବସି ଯିବାଆସିବା କରିବେ, ପନି ପରିବା, ବିଭିନ୍ନ ସାମଗ୍ରୀ, ବିକ୍ରିବଟା କରି ଆର୍ଥିକ ସ୍ୱଚ୍ଛଳ ହୋଇ ପାରିବେ।

ଶିକ୍ଷାଦୀକ୍ଷା, ଚିକିତ୍ସା କରିବା ସୁବିଧା ପାଇବେ। ଚାଷବାସ ଓ ବିଭିନ୍ନ ବଣିଜ ବେପାର କରିବାକୁ ଗାଁରୁ ସହର ଯିବା ଓ ସହରରୁ ଗାଁକୁ ଯିବା ଅତ୍ୟନ୍ତ ସୁଗମ ହେଉଛି।

ଓ.ପ୍ରା.ସେ.
ସାଧାରଣ ପରିଚାଳକ(ପ୍ରଶାସନ)
ଓ.ଏସ୍.ଆର.ଟି.ସି. ଭୁବନେଶ୍ୱର

## ପ୍ରଖ୍ୟାତ ଗଜଲ ସମ୍ରାଟ ପଙ୍କଜ ଉଦାସଙ୍କ ଦେହାନ୍ତ



ନୂଆଦିଲ୍ଲୀ, ୨୬/୨

ଆଉ ନାହାନ୍ତି ପ୍ରଖ୍ୟାତ ଗଜଲ ସମ୍ରାଟ ତଥା ଶାସ୍ତ୍ରୀୟ ସଂଗୀତ କଣ୍ଠଶିଳ୍ପୀ ପଙ୍କଜ ଉଦାସ। ମୃତ୍ୟୁ ବେଳକୁ ତାଙ୍କୁ ୭୩ ବର୍ଷ ବୟସ ହୋଇଥିଲା। ଦୀର୍ଘଦିନ ଧରି ଅସୁସ୍ଥ ହୋଇବା ପରେ ସୋମବାର ତାଙ୍କର ଦେହାନ୍ତ ହୋଇଥିବା ତାଙ୍କର କନ୍ୟା ନାୟାବ ଉଦାସ ସୂଚନା ଦେଇଛନ୍ତି।

# କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଥିଲେ 'ସାର୍ବଜନୀନ' ଓ 'ସର୍ବକାଳିକ'

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶା ସାହିତ୍ୟର ଅନନ୍ୟ ବିଧାଣି କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟ କୃତି ଥିଲା 'ସାର୍ବଜନୀନ' ଓ 'ସର୍ବକାଳିକ' ଏବଂ ଓଡ଼ିଆ ଭାଷାକୁ ସମାଜର ସବୁ ବର୍ଗଙ୍କ ପାଖରେ ତାଙ୍କର ବୌଦ୍ଧିକ କ୍ଷମତା ଅନୁସାରେ ପହଞ୍ଚାଇ ଭଞ୍ଜ ହେଇଛନ୍ତି 'କବିସମ୍ରାଟ'ବୋଲି ଦ୍ୱିଦିବସୀୟ "କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସ୍ମୃତିସଭା"ର ଶେଷ ସନ୍ଧ୍ୟାରେ ମୁଖ୍ୟ ଅତିଥି ଇଂ ଚନ୍ଦ୍ରଶେଖର ନନ୍ଦ ମତ ରଖିଥିଲେ। ଓଡିଶା ସାହିତ୍ୟ ଏକାଡେମୀ ଓ କଳିଙ୍ଗ ଭାରତୀ, ଉତ୍କଳ ଛାତ୍ର ସାହିତ୍ୟ ସମାଜର ମିଳିତ ସହଯୋଗରେ ସ୍ଥାନୀୟ ବୁଦ୍ଧ ମନ୍ଦିର ପ୍ରାଗଣରେ ଏହି ସଭା ଅନୁଷ୍ଠିତ ହୋଇଛି। କଳିଙ୍ଗ ଭାରତୀ ନିର୍ବାହୀ-ସଭାପତି ଶ୍ରୀ ପ୍ରଭାତ କୁମାର ନନ୍ଦଙ୍କ ପୌରହିତ୍ୟରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ବକ୍ତା ଡ଼ ବାବାଜୀ ଚରଣ ପଟ୍ଟନାୟକ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟ ଓ ଭାଷା ଭଣ୍ଡାରର ଶ୍ରେଷ୍ଠ ରଚନା ବୈଦେହୀଶ ବିଳାସରେ ଥିବା ଅନନ୍ୟ ଉପମା ସବୁ ବାଖ୍ୟାନ କରିବା ସହ ଭଞ୍ଜଙ୍କ ରାମାୟଣ ଯେ ଭାରତରେ ଅଦ୍ୱିତୀୟ ବୋଲି ପ୍ରମାଣିତ କରିଥିଲେ। ଭଞ୍ଜ ସାହିତ୍ୟର ପ୍ରଚାର ଓ ପ୍ରସାର ଦିଗରେ ଦୀର୍ଘ ୮୦ ବର୍ଷ ହେବ କଳିଙ୍ଗ ଭାରତୀର ସଂଗ୍ରାମ ବିଷୟରେ ସଭାପତି ଡା.ଶୈଳେଶ୍ୱର ନନ୍ଦ ସୂଚନା ଦେଇଥିଲେ । ସଭାର ପ୍ରଥମ ଭାଗରେ 'କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ କ୍ଷୁଦ୍ର କାବ୍ୟ' ଉପରେ ଏକ ଗବେଷଣାତ୍ମକ ଆଲୋଚନା ଚକ୍ରରେ ଅନ୍ୟତମ ସମ୍ମାନୀତ ଅତିଥି ଡ଼.ଶରତ ଚନ୍ଦ୍ର ରଥ ଓ ବିଶିଷ୍ଟ ଆଲୋଚକ ଡ଼.ବିବେକାନନ୍ଦ ପାଣିଗ୍ରାହୀ, ଡ଼. ସର୍ବେଶ୍ୱର ଶତପଥି, ଶ୍ରୀମତୀ ଆରତୀ କର , ଡା.ଅଂଶୁମାନ କର ଓ ଡ଼. ଅନୁପ ମାର୍ଥା ନିଜର ଗବେଷଣା ଉପସ୍ଥାପନା କରିଥିବା ବେଳେ କଳିଙ୍ଗ ଭାରତୀ ଉପ-ସଭାପତି ରଣଜିତ କର ଏହି ଆଲୋଚନାଚକ୍ରକୁ ସଂଯୋଜନା କରିଥିଲେ। ସାହିତ୍ୟ ଏକଡ଼େମୀ ତରଫରୁ ସଞ୍ଜୟ କୁମାର ଛୁଆଳସିଂହ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେବା ସହ ଆଡ଼ଭୋକେଟ ପ୍ରସନ୍ନ କୁମାର ନନ୍ଦ ଧନ୍ୟବାଦ ପ୍ରଦାନ କରିଥିଲେ। ବରିଷ୍ଠ ସଙ୍ଗୀତଜ୍ଞ ଶ୍ରୀମତୀ ମହାପାତ୍ର ମିନତୀ ଭଞ୍ଜ ଓ ନିମାକାନ୍ତ ରାଉତରାୟ ଭଞ୍ଜ ସଂଗୀତ ପରିବେଷଣ କରିଥିବା ବେଳେ ଯୁବ ପିଢ଼ିଙ୍କ ମଧ୍ୟରେ ଭଞ୍ଜ-ସାହିତ୍ୟ ଓ ସଂଗୀତ ପ୍ରତି ରୁଚି ସୃଷ୍ଟି କରିବାକୁ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ଓଡ଼ିଶୀ ସଂଗୀତ ଗାୟନ ଓ ବକ୍ତୃତା ପ୍ରତିଯୋଗିତାର କୃତି ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶ୍ରୀମତୀ ରାଜଲକ୍ଷ୍ମୀ ମହାନ୍ତି, ଡ଼ ସିଦ୍ଧାର୍ଥ ଶଙ୍କର ମହାନ୍ତି ଅଧ୍ୟାପକ ବିଶ୍ୱରଂଜନ ଦାସ, ମିହିର ପ୍ରହରାଜ, ଦେବସ୍ମିତା ମହାପାତ୍ର, ଅମୂଲ୍ୟ ସ୍ୱାଇଁ ଓ ସାଗରିକ ପ୍ରହରାଜ ଓ ସାହିତ୍ୟ ଏକାଡେମୀର କର୍ମକର୍ତ୍ତାମାନେ ସଭା ପରିଚାଳନାରେ ସହଯୋଗ କରିଥିବା ବେଳେ ଓଡ଼ିଶାର ଅନେକ ବିଶିଷ୍ଟ ଭଞ୍ଜ ସାହିତ୍ୟ ଓ ଭାଷାବିତ, ସାହିତ୍ୟ ପ୍ରେମୀ ଶ୍ରୋତା, ପାଠକ ଆଦି ଯୋଗ ଦେଇଥିଲେ। କଳିଙ୍ଗ ଭାରତୀ ଦ୍ୱାରା ପ୍ରକାଶିତ ଅନେକ ସାହିତ୍ୟ ପୁସ୍ତକ ମଧ୍ୟ ପ୍ରଦର୍ଶନୀରେ ଲାଗିଥିଲା।




## ଆର୍ମିର ସ୍ୱତନ୍ତ୍ର ଡ୍ରେସ କପଡ଼ା ବିକୁଥିବା ଅଭିଯୋଗରେ ଦୋକାନରେ ଚଢ଼ଉ

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ଆର୍ମିର ସ୍ୱତନ୍ତ୍ର ଡ୍ରେସ୍ କପଡ଼ା ବିକି ହରଡ଼ଘଣାରେ ଦୋକାନୀ। ବ୍ରହ୍ମପୁରରେ ଏହି କପଡ଼ା ବିକ୍ରି ହେଉଥିଲା। ପୋଲିସ ଓ ମିଲିଟାରି ଗୁଇନ୍ଦା ବିଭାଗର ମିଳିତ ଚଢ଼ାଉ କରିବା ସହିତ ଦୋକାନୀ ବିରୋଧରେ ଠକେଇ ମାମଲା ରୁଜୁ ହୋଇଛି । ୪୮୮ ମିଟର କପଡ଼ା ଜବତ କରିଛି ବ୍ରହ୍ମପୁର ଟାଉନ ଥାନା ପୋଲିସ। ଗୋଳାବନ୍ଧ ଆର୍ମି ଏଡି କଲେଜର ଜଣେ କର୍ମଚାରୀ ଗାଲକ୍ସି ଷ୍ଟୋରରେ ଦେଖିବାକୁ ପାଇଥିଲେ ଆର୍ମିର ନୂଆ ଡିଜିଟାଲ କମ୍ବାକ୍ଟ ୟୁନିଫର୍ମ । ଜାନୁଆରୀ ୧୫ ତାରିଖରୁ ଏହା କେବଳ କିଛି ନିର୍ଦ୍ଦିଷ୍ଟ ଆର୍ମି କ୍ୟାଣ୍ଟିନରେ ଉପଲବ୍ଧ ହେଉଛି। ବାହାରେ ଏହାର ବିକ୍ରି ନିଷେଧ ରହିଛି। ଏହା ବାହାରେ ବିକ୍ରି ହେବା ଜାତୀୟ ସୁରକ୍ଷା ପ୍ରତି ବିପଦ। କାରଣ ଏହି କପଡ଼ାର ଡ୍ରେସ ପିନ୍ଧି ଜଣେ ନିର୍ବିରୋଧରେ ଆର୍ମି କ୍ୟାମ୍ପରେ ପ୍ରବେଶ କରିପାରିବ। ତେବେ କପଡ଼ା ବିକ୍ରି ହେଉଥିବା ଜାଣିବା ପରେ ମିଳିତ ଚଢାଉ ହୋଇଥିଲା। ସମ୍ପୃକ୍ତ ଦୋକାନୀ ଏହାକୁ କୋଲକାତାରୁ ଆଣିଥିବା ଓ ଲୁଧିଆନାରେ ତିଆରି ହେଉଥିବା କହିଛନ୍ତି । ପୋଲିସ କୋଲକାତା ଓ ଲୁଧିଆନାରେ ତଦନ୍ତ କରିବ ବୋଲି ବ୍ରହ୍ମପୁର ଏସପି କହିଛନ୍ତି।



ଭୁବନେଶ୍ୱର : ବିଭିନ୍ନ ଦାବି ନେଇ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ବିଧାନସଭା ଘେରାଉ କରାଯାଇଛି। (ଫଟୋ : ସମ୍ବାଦ କଳିକା)

# ଗାଁରେ ବୁଲିଲା ଖଣ୍ଡା : ଆକ୍ରମଣରେ ଜଣେ ଗୁରୁତର

**ବାରଙ୍ଗ, ନ୍ୟୁଜ ବ୍ୟୁରୋ**

ବାରଙ୍ଗ ଥାନା ଅନ୍ତର୍ଗତ ମଧୁବନ ଗାଁରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ସକାଳୁ ଗାଁରେ ବୁଲିଲା ଖଣ୍ଡା। ଚା ପିଇବାକୁ ଆସିଥିବା ବେଳେ ପୂର୍ବତନ ସରପଞ୍ଚଙ୍କ ସ୍ୱାମୀ ପବିତ୍ର ପ୍ରଧାନଙ୍କୁ ଖଣ୍ଡା ଓ ଲୁହା ରଡ଼ରେ ମରଣାତ୍ମକ ଆକ୍ରମଣ ହୋଇଛି। ଆକ୍ରମଣରେ ପୂର୍ବତନ ସରପଞ୍ଚ ତଥା ମିଶନ ଶକ୍ତି ଅଧ୍ୟକ୍ଷା ସୁମିନା ପ୍ରଧାନଙ୍କ ସ୍ୱାମୀଙ୍କ ମୁଣ୍ଡରେ ଓ ଡାହାଣ ହାତରେ ଗଭୀର ଆଘାତ ଲାଗିବା ସହ ଗୁରୁତର ଅବସ୍ଥାରେ କଟକ ବଡ ଡାକ୍ତରଖାନା ପରେ ଏକ ଘରୋଇ ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନାଯୋଗ୍ୟ ଗ୍ରାମର କୋଠଘର ନିକଟରେ ଏକ ପାନ ଦୋକାନରେ ଚା ପିଇବାକୁ ଗ୍ରାମର ମୁରବୀ ପବିତ୍ର ପ୍ରଧାନ ଆସିଥିଲେ। ସେ ଏକ ପ୍ଲାଷ୍ଟିକ ଚୌକିରେ ବସି ଚା ପିଉଥିବା ସମୟରେ ଗ୍ରାମର ତିନି ଜଣ ଯୁବକ ପବିତ୍ରଙ୍କୁ ଅତର୍କିତ ଭାବରେ ପଛ ପଟୁ ଖଣ୍ଡା, ଭୁଜାଲି ଓ ଲୁହା ରଡ଼ରେ ଆକ୍ରମଣ କରିଥିଲେ। ଆକ୍ରମଣରେ ପବିତ୍ରଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ଡାହାଣ ହାତଟା ଭାଙ୍ଗି ଯାଇଥିଲା। ମୁଣ୍ଡରେ ଗଭୀର ଆଘାତ ଫଳରେ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଆକ୍ରମଣକାରୀମାନେ ତତ୍କ୍ଷଣାତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପବିତ୍ରଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ଡ଼ାକ୍ତରଖାନାକୁ ପଠାଯାଇଥିଲା। ପରେ ଏକ ଘରୋଇ ଡ଼ାକ୍ତରଖାନାରେ ନିଆଯାଇଥିଲା। ଗାଁରେ ଉତ୍ତେଜନା ପ୍ରକାଶ ପାଇଛି, ଘଟଣାସ୍ଥଳରେ ଥିବା ଏକ କାର୍‌ଟି ଭଙ୍ଗାରୁଜା ହୋଇଛି । ଏ ସଂପର୍କରେ ପବିତ୍ର ଚିକିତ୍ସାଧିନ ଥିବା ବେଳେ ତାଙ୍କ ପତ୍ନୀ ସୁମିନା ପ୍ରଧାନ ବାରଙ୍ଗ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ବାରଙ୍ଗ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ସହିତ ଗ୍ରାମରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି ।

## ଭୋଜିହେଲା କାଳ : ନଦୀରେ ବୁଡ଼ି ଛାତ୍ରର ମୃତ୍ୟୁ

ଧର୍ମଶାଳା, ନ୍ୟୁଜ ବ୍ୟୁରୋ, ଧର୍ମଶାଳା ଥାନା ଅନ୍ତର୍ଗତ ଗଙ୍ଗାଧରପୁର ପଞ୍ଚାୟତ ପଲାରଗ୍ରାମର ଧୀରେନ୍ଦ୍ର ମଣ୍ଡଳଙ୍କ ବଡ଼ପୁଅ ସତ୍ୟଜିତ (୧୪) ସାଙ୍ଗମାନଙ୍କ ସହ ନଦୀରେ ଗାଧୋଉଥିବା ସମୟରେ ବୁଡିଯାଇ ପ୍ରାଣ ହରାଇଛି। ସୂଚନା ଅନୁଯାୟୀ ନାକପୋଲସ୍ଥିତ ପତିତପାବନ ହାଇସ୍କୁଲର ନବମଶ୍ରେଣୀ ଛାତ୍ର ସତ୍ୟଜିତ ସାଙ୍ଗମାନଙ୍କ ସହ ବ୍ରାହ୍ମଣୀ ନଦୀ ନିକଟସ୍ଥ ଦେଉଳି ପାହାଡରେ ଭୋଜି କରିବାକୁ ଯାଇଥିଲେ। ନଦୀରେ ଗାଧୋଉଥିବା ସମୟରେ ନିଖରାଗଣ୍ଡରେ ସେ ବୁଡି ଯାଇଥିଲେ। ସାଙ୍ଗମାନେ ଡାକ ପକାଇବାରୁ ସ୍ଥାନୀୟ ଲୋକମାନେ ତାକୁ ଉଦ୍ଧାର କରି ଧର୍ମଶାଳା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତର ତାକୁ ମୃତଘୋଷଣା କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି।

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE CHIEF ENGINEER & BASIN MANAGER,
SUBARNAREKHA & BUDHABALANGA BASIN,
AT/PO;- LAXMIPOSI, DIST:-MAYURBHANJ
Mail Id. cebmsbb2019@gmail.com
Government of Odisha "e" PROCUREMENT NOTICE
Bid Identification No. 50/ 23-24 of CEBM, SBB, Laxmiposi

A-1593

| | | |
|---|---|---|
| 1 | Name of Work | A. Construction of Rupsa Distributary including all minor and sub minor from RD 2930M to RD 7950 M with all structure , C.C Lining and service road .<br>B. Construction of Rupsa Minor including all sub minors from RD 00m to RD 7560m off taking from RD 7950m of Rupsa Distributary with all its structure, C.C lining and service road.<br>C. Construction of Rupsa Distributary from RD 00 m to RD 2930 m including all structure, CC lining and service road.<br>D. Construction of Baisinga Branch Canal from RD 62265m to 62691m including all structures and service road. |
| 2 | Estimated Cost | A.Rs.7827.81 Lakh<br>B.Rs.5085.88 Lakh<br>C.Rs. 3215.79 Lakh<br>D.Rs. 1151.02 Lakh |
| 3 | Bid Security/ E.M.D. | A.Rs.78,28,000/-<br>B.Rs.50,86,000/-<br>C.Rs.32,16,000/-<br>D.Rs. 11,51,100/- |
| 4 | Period of Completion | For Sl. No. A - 30 (Thirty) Calendar Months<br>For Sl. No. B, C & D. 24:- (Twenty Four) Calendar Months |
| 5 | Class of Contractor | For S.I. No. A. & B:- "Super" Class<br>For S.I. No C.- "Special" Class & "Super" Class<br>For S.I. No D:- "A" Class & "Special" Class |
| 6 | Date & Time of availability of bid document in the portal | 28.02.2024 at 10.00 AM |
| 7 | Last date/time for receipt of bid in the portal | 27.03.2024 up to 5.00 PM |
| 8 | Date & time For Pre-Bid Conference (For S.I.No. A,B & C) | 12.03.2024 from 11:30 A.M To 12:00 Noon in Office of the CE & BM, S & B Basin, Laxmiposi. |
| 9 | Date of opening of bid | 28.03.24 at 11:00 A.M. |
| 10 | Name & Address of the O.I. T | Chief Engineer & Basin Manager, O/O the CE&BM, Subarnarekha & Budhabalanga Basin, Laxmiposi, Mayurbhanj |

Further details can be seen from the e-Procurement Portal "https://tendersodisha.gov.in."
Sd/-Chief Engineer & Basin Manager
Subarnarekha & Budhabalanga Basin,
Laxmiposi, Mayurbhanj
OIPR-32429/11/0014/2324

E.Mail – rw_sundargarh@yahoo.co.in
GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, SUNDARGARH
E-PROCUREMENT NOTICE
BID IDENTIFICATION NO. ONLINE-SESNG-33 of 2023-24

O-2652

1. Name of the Work :- Road Work
2. Total No. of works :- 01 no Road
3. Estimated cost :- Rs. 38.33 Lakhs
4. Class of contractor :- Only 'C' & 'B'
5. Period of completion :- 01 calendar months
6. Type of Tender :- Single Cover
7. Other details

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Superintending Engineer, Rural Works Division, Sundargarh. | Online-SESNG-33 of 2023-24 | 28.02.2024 10.00 A.M | 04.03.2024 05.00 P.M |

Further details can be seen from the website www.tendersorissa.gov.in
Sd/- Executive Engineer
Rural Works Division, Sundargarh
OIPR-25046/11/0046/2324

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, BHUBANESWAR
Ph. No. – 0674-2301787
Fax No.- 0674-2300965
E.Mail I.D. – eerw_bbsr@yahoo.co.in
No:-Tender – Online – BBSR Divn. - 56 Date : 23.02.2024.
e-Procurement NOTICE

O-2631

1. Name of the work : Construction of Building work
2. Total No. of Projects : 01 No.
3. Class of Contractor
(As per Works Deptt. Office memorandum no. 12586 dt. 09.09.2022
a) Above Rs. 20 lakh and upto 3 crore : 'B' Class (of Odisha PWD) or equivalent class of other licensing authorities.
b) Upto Rs. 40.00 lakh : 'C' Class (of Odisha PWD) or equivalent class of other licensing authorities.
c) Upto Rs. 20.00 lakh : 'D' Class (of Odisha PWD) or equivalent class of other licensing authorities.
4. Estimate cost of Individual projects : Rs. 81.97 lakh
5. Time for completion : As per Annexure of TCN Column no. 06
6. Other details

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Bhubaneswar. | Tender Online – BBSR Divn. - 56 | 27.02.2024 at 11.00 A.M. | 06.03.2024 up to 3.00 P.M | 06.03.2024 at 4.00 P.M. | 07.03.2024 at 11.00 A.M. |

7. Further details can be seen from the website www.tendersorissa.gov.in
8. Corrigendum if any / shall only be published in the above website.
Sd/- Superintending Engineer,
Rural Works Division BBSR
OIPR-25066/11/0029/2324

L-239
GOVERNMENT OF ODISHA
AGRICULTURE DEPARTMENT
OFFICE OF THE EXECUTIVE ENGINEER (AGRIL.),
DHENKANAL DIVISION, DHENKANAL
No.188 Date.22.02.2024
INVITATION FOR BIDS (IFB)
e procurement notice
Bid identification number / Tender call notice no - E E (A) D/D-06 of 2023-24

The Executive Engineer (Agril.), Dhenkanal Division, Dhenkanal who has been authorized as the procuring officer for the projects of Dhenkanal Division, Dhenkanal is directed to invite percentage rate bid on behalf of the Governor of Odisha for the Civil construction works under Dhenkanal Division. The costs of the projects are approximately from 10.00 lakhs to 45.00 lakhs. Bid document consisting of detailed tender call notice, the schedule of quantities and the set of terms and conditions of the contract and other necessary documents can be downloaded from www.tendersorissa.gov.in from 26.02.2024 at 10.00 hours to 01.03.2024 at 16.00 hours. The bid will be opened on 02.03.2024 at 03.30 PM in the O/o Executive Engineer (Agril), Dhenkanal Division, Dhenkanal. All other details regarding term and conditions, corrigendum from time to time if any, DTCN etc. can be seen and downloaded from www.tendersorissa.gov.in.

Email ID:-eeagri.dhenkanal.@gmail.com

Sd/- Executive Engineer (Agril)
Dhenkanal Division, Dhenkanal
OIPR-01446/11/0008/2324

A-1599
GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE ADDITIONAL CHIEF ENGINEER
BARIPADA IRRIGATION CIRCLE
AT/PO:- TAKATPUR, BARIPADA, DIST:-MAYURBHANJ
Mail Id. sebichpd@gmail.com
GOVERNMENT OF ODISHA "e" PROCUREMENT NOTICE
Notice No. ACEBIC/BLS-05/2023-24

| Sl No. | Name of work | Bid Identification No. | Estimated cost | Bid Security/EMD | Class of contractor |
|---|---|---|---|---|---|
| 1 | 5 nos. project for flood control measure of Panchubisha river, Bahanaga. | 15/23-24 of ACE/BIC | 4,87,24,789.00 | 4,87,247.00 | "A" Class |
| 2 | Widening & strengthening of canal embankment, Remuna. | 16/23-24 of ACE/BIC | 3,16,48,503.00 | 3,16,485.00 | "A" Class |
| 3 | Flood protection project from Melaka irrigation embankment to Jalaka bridge, Basta. | 17/23-24 of ACE/BIC | 2,19,38,929.00 | 2,19,389.00 | "A" & "B" Class |

General Instruction for all 3 nos. of works

| | | |
|---|---|---|
| 1 | Period of completion | Nine calendar months |
| 2 | Date & Time of availability of bid documents in the portal | 01.03.2024 |
| 3 | Last date/time for receipt of bid in the portal | 15.03.2024 |
| 4 | Date of opening of bid | 16.03.2024 |
| 5 | Name & adders of the O.I.T. | Additional Chief Engineer,Baripada Irrigation Circle, AT/PO- Takatpur, Baripada, Dist.-Mayurbhanj |

Further details can be seen from the e-Procurement Portal "https://tendersodisha.gov.in".
Sd/- Additional Chief Engineer,
Baripada Irrigation Circle, Baripada.
OIPR-32162/11/0013/2324




# ସବୁ ବିଏସ୍‌କେଓ୍ୱାଇ ପଞ୍ଜିକୃତ ଡାକ୍ତରଖାନାର ଶଯ୍ୟା ମ୍ୟାପିଂ ଆରମ୍ଭ

**ଭୁବନେଶ୍ୱର, ୨୬/୨ ନ୍ୟୁଜ ବ୍ୟୁରୋ**

ଲୋକଙ୍କ ହିତ ଦୃଷ୍ଟିରୁ ସରକାର କେବଳ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେଓ୍ୱାଇ)ରେ ପର୍ଯ୍ୟାୟ କ୍ରମିକ ସମ୍ପ୍ରସାରଣ କରୁ ନାହାନ୍ତି ବରଂ ରୋଗୀଙ୍କ ସମସ୍ୟା ଦୂର ପାଇଁ ଗୋଟିଏ ପରେ ଗୋଟିଏ ପଦକ୍ଷେପ ନେଉଛନ୍ତି। ଏହି କ୍ରମରେ ରୋଗୀମାନଙ୍କର ଏକ ବଡ଼ ସମସ୍ୟା ଦୂର କରିବାକୁ ଯାଉଛନ୍ତି ରାଜ୍ୟ ସରକାର। ଏଣିକି ରୋଗୀ ବିଏସ୍‌କେଓ୍ୱାଇ ପଞ୍ଜିକୃତ ଡାକ୍ତରଖାନାରେ ଶଯ୍ୟା ଖୋଜି ଖୋଜି ନୟାନ୍ତ ହେବେ ନାହିଁ କିମ୍ବା ଚିକିତ୍ସା ବିଳମ୍ବିତ ହେବ ନାହିଁ। ରାଜ୍ୟ ତଥା ରାଜ୍ୟ ବାହାରେ ଥିବା ସମସ୍ତ ପଞ୍ଜିକୃତ ଡାକ୍ତରଖାନାର ଶଯ୍ୟାର ଅନ୍‌ଲାଇନ୍ ମ୍ୟାପିଂ କରାଯିବ। ଫଳରେ ମୋବାଇଲ୍‌ରେ ଆପ୍ ବ୍ୟବହାର କରି କେଉଁ ଡାକ୍ତରଖାନାରେ ଶଯ୍ୟା କିମ୍ବା



ଆଇସିୟୁ ଖାଲି ଅଛି ତାହା ତୁରନ୍ତ ଜଣାପଡ଼ିବ। ଫଳରେ ରୋଗୀ ତୁରନ୍ତ ସେଠାରେ ପହଞ୍ଚିବେ ଆଉ ଶୀଘ୍ର ତାଙ୍କର ଚିକିତ୍ସା ଆରମ୍ଭ ହେବ। ଗରିବ ଲୋକଙ୍କ ପାଇଁ ବିଏସ୍‌କେଓ୍ୱାଇ କୌଣସି ଆଶୀର୍ବାଦ ଠାରୁ କିଛି କମ୍ ନୁହେଁ। ବିଏସ୍‌କେଓ୍ୱାଇ ଜରିଆରେ ବଡ଼ ବଡ଼ ଡାକ୍ତରଖାନାରେ ଚିକିତ୍ସା ପାଇବା ପାଇଁ ଗରିବ ଲୋକଟିଏ ସାହସ ଜୁଟାଇପାରୁଛି। ଓଡ଼ିଶା ସମେତ ୧୭ଟି ରାଜ୍ୟରେ ୮୧୬ଟି ପଞ୍ଜିକୃତ ଘରୋଇ ଡାକ୍ତରଖାନାରେ ସରକାର ବିଏସ୍‌କେଓ୍ୱାଇ ହିତାଧିକାରୀଙ୍କ ଚିକିତ୍ସା ବ୍ୟବସ୍ଥା କରିଛନ୍ତି। ରାଜ୍ୟର ୯୯.୩ ଲକ୍ଷ ଗରିବ ପରିବାରର ୩.୫୭ କୋଟି ସଦସ୍ୟଙ୍କୁ ବିଏସ୍‌କେଓ୍ୱାଇ କାର୍ଡ ଦିଆଯାଇଛି। ଆଗକୁ ନବୀନ କାର୍ଡ ଜରିଆରେ ୧ କୋଟିରୁ ଅଧିକ ଲୋକ ବିଏସକେଓ୍ୱାଇରେ ଯୋଡ଼ି ହେବେ। ଆହୁରି ଘରୋଇ ଡାକ୍ତରଖାନା ସାମିଲ କରାଯିବ। ତେବେ ବିଏସ୍‌କେଓ୍ୱାଇ ହିତାଧିକାରୀଙ୍କର ବଡ଼ ସମସ୍ୟା ହେଉଛି ଡାକ୍ତରଖାନାରେ ଶଯ୍ୟା। ରୋଗୀଙ୍କ ସହିତ ଡାକ୍ତରଖାନା ସଂଖ୍ୟା ବଢୁଥିଲେ ସୁଦ୍ଧା ଶଯ୍ୟାର ଅଭାବ ଦେଖା ଦେଉଛି। ଫଳରେ ଲୋକେ ରୋଗୀଙ୍କୁ ଧରି ଗୋଟିଏ ଡାକ୍ତରଖାନାରୁ ଆଉ ଗୋଟିଏ ଡାକ୍ତରଖାନା ବୁଲୁଛନ୍ତି। କେଉଁଠି ଶଯ୍ୟା ଖାଲି ଅଛି ତାହା ସୁନିଶ୍ଚିତ କରିବା ସହଜ ନୁହେଁ। ଫଳରେ ସବୁ ବ୍ୟବସ୍ଥା ସତ୍ତ୍ୱେ ଅଧିକାଂଶ ରୋଗୀଙ୍କୁ ଠିକ୍ ସମୟରେ ଚିକିତ୍ସା ମିଳିପାରୁ ନାହିଁ। ଗୁରୁତର ରୋଗୀଙ୍କ କ୍ଷେତ୍ରରେ ପରିସ୍ଥିତି ଜଟିଳ ହୋଇପଡୁଛି। ଏହାର ସମାଧାନ ପାଇଁ ବିଭାଗ ଇତିମଧ୍ୟରେ କାମ ଆରମ୍ଭ କରିଛି। ସୂଚନା ଅନୁସାରେ ଗୋଟିଏ ଆପ୍ ମାଧ୍ୟମରେ କେଉଁ ଡାକ୍ତରଖାନାରେ ଶଯ୍ୟା ଖାଲି ଅଛି ତାହା ତୁରନ୍ତ ଜଣାପଡ଼ିବ। ସେଥିପାଇଁ ବିଭାଗ ସବୁ ଅନୁବନ୍ଧିତ ଡାକ୍ତରଖାନାର ଶଯ୍ୟାକୁ ମ୍ୟାପିଂ (ଅନ୍‌ଲାଇନରେ ତାଲିକା) କରୁଛନ୍ତି। କେତେ ଶଯ୍ୟା ଖାଲି ଅଛି ଓ କେତେ ଶଯ୍ୟାରେ ରୋଗୀ ଅଛନ୍ତି ତାହା ସମ୍ପୃକ୍ତ ଡାକ୍ତରଖାନା ଅପଡେଟ୍ କରିବେ। ଆପ୍‌ରେ ଏହା ଦେଖି ହେବ। ତେଣୁ ଡାକ୍ତରଖାନା ଯିବା ପୂର୍ବରୁ ରୋଗୀ ସମ୍ପର୍କୀୟ ଆପ୍ ମାଧ୍ୟମରେ ଶଯ୍ୟା ଉପଲବ୍ଧତା ସମ୍ପର୍କରେ ସୁନିଶ୍ଚିତ ହୋଇପାରିବେ। ଇ ଓ ଆଇଟି ବିଭାଗ ସହାୟତାରେ ଏପରି ବୈଷୟିକ ସୁବିଧା କରାଯାଉଥିବା ଜଣାପଡ଼ିଛି। ବିଏସ୍‌କେଓ୍ୱାଇ ପଞ୍ଜିକୃତ ରୋଗୀମାନେ ଘରୋଇ ଡାକ୍ତରଖାନା ବୁଲି ବୁଲି ନୟାନ୍ତ ହେଉଥିବା ସମ୍ପର୍କରେ ଅଭିଯୋଗ ଆସିବା ପରେ ସ୍ୱାସ୍ଥ୍ୟ ବିଭାଗ ଏହା ଉପରେ ପଦକ୍ଷେପ ନେବା ଆରମ୍ଭ କରିଛି।

# ଭିନ୍ନକ୍ଷମଙ୍କୁ କୃତ୍ରିମ ଅଙ୍ଗ ଓ ସହାୟକ ଉପକରଣ ବିତରଣ ଜାରି ରହିବ



**ଭୁବନେଶ୍ୱର, ୨୬/୨ ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ପ୍ରାୟ ୪ ଲକ୍ଷ ଭିନ୍ନକ୍ଷମ ରହିଥିବାବେଳେ ସେମାନଙ୍କୁ ଆବଶ୍ୟକୀୟ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ତଥା ଅନ୍ୟାନ୍ୟ ସହାୟକ ସରଞ୍ଜାମ ଯୋଗାଇ ଦିଆଯିବା ପାଇଁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ବିସ୍ତୃତ ଯୋଜନା ପ୍ରସ୍ତୁତ ହୋଇଛି ବୋଲି ବିଭାଗୀୟ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପ୍ରକାଶ କରିଛନ୍ତି । ସୋମବାର ୟୁନିଟ୍-୬ ସ୍ଥିତ ବିଏମ୍‌ସି କଲ୍ୟାଣୀମଣ୍ଡପରେ ଆୟୋଜିତ ଏକ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ବିତରଣ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପଣ୍ଡା କହିଛନ୍ତି ଯେ ଜୟପୁରସ୍ଥିତ ଭଗବାନ ମହାବୀର ବିକଳାଙ୍ଗ ସାହାୟତା ସମିତିର ଶାଖା ବିଜୁ ମହାବୀର ଜୟପୁର ଫୁଟ୍ ସେଣ୍ଟର ଖୋର୍ଦ୍ଧାଠାରେ କାର୍ଯ୍ୟକରୁଛି ଏବଂ ଏହି ସଂସ୍ଥା ସାରା ରାଜ୍ୟରେ ବିଭିନ୍ନ କେନ୍ଦ୍ର ତଥା ଭ୍ରାମ୍ୟମାଣ ଶିବିର ଜରିଆରେ ଭିନ୍ନକ୍ଷମମାନଙ୍କୁ ସହାୟକ ଉପକରଣ ଯୋଗାଇଦେବ। ଗତ ୧୯ ତାରିଖଠାରୁ ଆରମ୍ଭ ହୋଇଥିବା କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ବିତରଣ ସପ୍ତାହର ଉଦ୍‌ଯାପନୀ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭିନ୍ନକ୍ଷମ ହିତାଧିକାରୀମାନଙ୍କୁ ୭୨ଟି କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ, ୫ଟି ହୁଇଲ୍ ଚେୟାର, ୨ଟି ଟ୍ରାଇ-ସାଇକେଲ, ୫ହଳ ସହାୟକ ଆଶାବାଡି ଏବଂ ୨ଟି ଏଲବୋ କ୍ରଚ୍ ପ୍ରଦାନ କରା ଯାଇଥିଲା । କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ପଣ୍ଡାଙ୍କ ସମେତ ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ, ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, ଓଡ଼ିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷ ଶ୍ରୀମୟୀ ମିଶ୍ର, ଡେପୁଟି ମେୟର ମଞ୍ଜୁଲତା କହଁର, ଡାକ୍ତର ଶୀତିକଣ୍ଠ ଦାସ ଯୋଗଦେଇଥିଲେ । ଏହା ବ୍ୟତୀତ ଅତିରିକ୍ତ ମହାନିର୍ଦ୍ଦେଶକ (କ୍ରାଇମ୍) ଅରୁଣ ବୋଥ୍ରାଙ୍କ ସମେତ ୩୨୬୨ ଜିଲ୍ଲା ରୋଟାରୀ ସଂଗଠନର ବରିଷ୍ଠ କର୍ମକର୍ତ୍ତାମାନେ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ । ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ କହିଲେ ଯେ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓ ବିଜୁ ମହାବୀର ଜୟପୁର ଫୁଟ୍ ସେଣ୍ଟର ମିଳିତ ଭାବେ ଖୋର୍ଦ୍ଧା ଓ ଗଞ୍ଜାମ ଜିଲ୍ଲାରେ ୨୮ରୁ ଅଧିକ ଭ୍ରାମ୍ୟମାଣ ଶିବିର ଆୟୋଜନ କ୍ରମେ ସହାୟକ ଉପକରଣ ବିତରଣ କରିସାରିଛନ୍ତି ଓ ପୂର୍ବରୁ ଅନୁଷ୍ଠିତ ଏହି ଶିବିରଗୁଡ଼ିକ ମାଧ୍ୟମରେ ୫୦୦ରୁ ଅଧିକ ହିତାଧିକାରୀ ଉପକୃତ ହୋଇଛନ୍ତି । ସାରା ରାଜ୍ୟର ବିଭିନ୍ନ ସ୍ଥାନରେ ଅନୁରୂପ ଭାବରେ କୃତ୍ରିମ ଉପକରଣ ବିତରଣ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## ସୁରକ୍ଷାକର୍ମୀଙ୍କ ଗୁଳିରେ ୩ ମାଓବାଦୀ ନିହତ

**ମାଲକାନଗିରି, ୨୬/୨ ନ୍ୟୁଜ ବ୍ୟୁରୋ**

ମାଲକାନଗିରି ସୀମାନ୍ତ ଛତିଶଗଡର କାଙ୍କେର ଜିଲ୍ଲାରେ ସୁରକ୍ଷାକର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଛି। ଯେଉଁଥିରେ ଯବାନଙ୍କ ଗୁଳିରେ ତିନି ଜଣ ମାଓବାଦୀ ନିହତ ହୋଇଥିବା ବେଳେ ଘଟଣାସ୍ଥଳରୁ ଦୁଇଟି ବନ୍ଧୁକ ସହ ଅନେକ ମାତ୍ରାରେ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି । ମିଳିଥିବା ସୂଚନାଅନୁସାରେ କୋଇଲିବେଡା ଜଙ୍ଗଲରେ ମାଓବାଦୀମାନେ ଲୁଚି ରହିଥିବା ନେଇ ସୁରକ୍ଷାକର୍ମୀଙ୍କୁ ଗୁଇନ୍ଦା ସୂଚନା ମିଳିଥିଲା। ଏ ନେଇ ଡିଆରଜି ଓ ବିଏସ୍‌ଏଫ ବାହିନୀ ପକ୍ଷରୁ ମିଳିତ ଭାବେ ଉକ୍ତ ସ୍ଥାନରେ ଚଢଉ କରିଥିଲେ। ଜଙ୍ଗଲ ମଧ୍ୟରେ ଲୁଚି ରହିଥିବା ମାଓବାଦୀ ଓ ଯବାନଙ୍କ ମଧ୍ୟରେ ଏହି ସମୟରେ ଗୁଳିବିନିମୟ ହୋଇଥିଲା । ଏହି ଗୁଳିବିନିମୟରେ ୩ ମାଓବାଦୀ ନିହତ ହୋଇଥିବା ବେଳେ ଅନେକ ମାଓ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି । ଅନ୍ୟପଟେ ଏହି ଗୁଳିବିନିମୟରେ ଜଣେ ଜଣେ ଯବାନ ଆହତ ହୋଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ସୂଚନା ରହିଛି।

## ପ୍ରକୃତିର ବିସ୍ମୟ- ଥୁଣ୍ଟା ଡାଳରେ କଅଁଳିଛି ଜୀବନ

**ଭୁବନେଶ୍ୱର, ୨୬/୨ ନ୍ୟୁଜ**

ସହିଦ ନଗର ୪୬୪ ପ୍ଲଟରେ ଏକ ଆମ୍ବ ଗଛର ଡାଳ କଟାଯାଇଥିଲା, ଡାଳ ସମ୍ପୂର୍ଣ୍ଣ ଶୁଖି ଯାଇଥିଲା। ମାତ୍ର ସେହି ଗଛର ଅନ୍ୟ ଡାଳରେ ଯେତେବେଳେ ପତ୍ର ଓ ବଉଳ କଅଁଳିବାକୁ ଆରମ୍ଭ କଲା ଥୁଣ୍ଟା ଡାଳଟି ମଧ୍ୟ ପ୍ରତିଯୋଗିତା କଲା ପରି ଅଙ୍କୁରିତ କଲା ଏକ ଛୋଟ ଡାଳ ଓ ତହିଁରେ କିଛି ବଉଳ। ସେହି ବଉଳରୁ ଆଜି ଫଳିଛି ତିନୋଟି ଆମ୍ବ। କେହି ନ ଦେଖିଲେ ବିଶ୍ୱାସ କରିବ ନାହିଁ।



